# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

# JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୨୫ ◆ ଭୁବନେଶ୍ୱର ◆ ସୋମବାର ◆ ଫେବୃୟାରୀ ୦୯ରୁ ଫେବୃୟାରୀ ୧୫, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-25 ◆ Bhubaneswar ◆ Monday ◆ February 09 to February 15, 2026 ◆ Page-8 ◆ Price Rs.4.00


## ୧୧ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ

# ଭାରତ-ମାଲେସିଆ ସମ୍ପର୍କ ଶିଖର ଛୁଇଁବ: ମୋଦୀ

ନୂଆଦିଲ୍ଲୀ,(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାଲେସିଆ ଗସ୍ତ ପରିପ୍ରେକ୍ଷୀରେ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ହୋଇଛି । ପ୍ରତିନିଧି ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମୋଦୀ ଓ ମାଲେସିଆର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ଦ୍ୱିପାକ୍ଷିକ ବୈଠକ କରି ନିବେଶ, ବାଣିଜ୍ୟ, ପ୍ରତିରକ୍ଷା ଭଳି କ୍ଷେତ୍ରରେ ସମ୍ପର୍କ ବଢ଼ାଇବା ନେଇ ଚର୍ଚ୍ଚା କରିଛନ୍ତି। ଆଲୋଚନା ପରେ ଉଭୟ ପକ୍ଷ ମଧ୍ୟରେ ଡିଜିଟାଲ ପେମେଣ୍ଟ, ସୁରକ୍ଷା ସହଯୋଗ, ସେମିକଣ୍ଡକ୍ଟର, ସ୍ୱାସ୍ଥ୍ୟ ଓ ଔଷଧ, ବିପର୍ଯ୍ୟୟ ପରିଚାଳନା, ଦୁର୍ନୀତି ମୁକାବିଲାରେ ସହଯୋଗ, ଅଡିଓ-ଭିଜୁଆଲ୍ ସହ-ପ୍ରଯୋଜନା, ବୈଷୟିକ ଓ ବୃତ୍ତିଗତ ଶିକ୍ଷା, ଜାତିସଂଘ ଶାନ୍ତିରକ୍ଷା ସହଯୋଗ ଏବଂ ଭାରତୀୟ ଶ୍ରମିକଙ୍କ ପାଇଁ ସାମାଜିକ ସୁରକ୍ଷା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ଚୁକ୍ତିନାମା ଆଦାନପ୍ରଦାନ ହୋଇଥିଲା। ଦୁଇ ଦେଶ ମଧ୍ୟରେ ୧୧ଟି ବୁଝାମଣା ସ୍ୱାକ୍ଷରିତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ସାକ୍ଷାତକୁ ଗୁରୁତ୍ୱପୂର୍ଣ୍ଣ, ରଣନୈତିକ ବୋଲି କହିଛନ୍ତି ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ। ଅନ୍ୟପକ୍ଷରେ ଭାରତ-ମାଲେସିଆ ସମ୍ପର୍କ ଶିଖର ଛୁଇଁବ ବୋଲି ମୋଦୀ କହିଛନ୍ତି।




ମାଲେସିଆ ଗସ୍ତର ଦ୍ୱିତୀୟ ଦିନରେ ନରେନ୍ଦ୍ର ମୋଦୀଙ୍କୁ ଆଜି ମାଲେସିଆର ପ୍ରଧାନମନ୍ତ୍ରୀ ପେରଡାନା ପୁତ୍ରା ପରିସରରେ ସ୍ୱାଗତ କରିଥିଲେ। ସେଠାରେ ତାଙ୍କୁ ଆନୁଷ୍ଠାନିକ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହା ପରେ ଦୁଇ ନେତା ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ସରକାରୀ ବାସଭବନ ସେରୀ ପେରଡାନାରେ ସୀମିତ ଏବଂ ପ୍ରତିନିଧିସ୍ତରୀୟ ଆଲୋଚନା କରିଥିଲେ। ଦୁଇ ନେତା ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ଏବଂ ୨୦୨୪ରେ ଦୁଇ ଦେଶ ମଧ୍ୟରେ ପ୍ରତିଷ୍ଠିତ ବ୍ୟାପକ ରଣନୀତିକ ସହଭାଗୀତାକୁ ଆହୁରି ମଜଭୁତ କରିବାକୁ ସହମତ ହୋଇଥିଲେ। ସେମାନେ ଶହ ଶହ ବର୍ଷ ପୁରୁଣା ଭାରତ-ମାଲେସିଆ ସମ୍ପର୍କ ଏବଂ ଏହି ସହଭାଗିତାର ଆଧାର ହୋଇଥିବା ଦୃଢ଼ ଲୋକସମ୍ପର୍କକୁ ସ୍ମରଣ କରିଥିଲେ। ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗକୁ ବିସ୍ତୃତ ଭାବରେ ସମୀକ୍ଷା କରିଥିଲେ। ଏଥିରେ ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ସୁରକ୍ଷା, ସାମୁଦ୍ରିକ ସହଯୋଗ, ସ୍ୱଚ୍ଛ ଶକ୍ତି, ଭିତ୍ତିଭୂମି, ଷ୍ଟାର୍ଟଅପ୍ସ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଆୟୁର୍ବେଦ, ପର୍ଯ୍ୟଟନ ଏବଂ ସାଂସ୍କୃତିକ ସମ୍ପର୍କ ଭଳି ପ୍ରାଥମିକତା କ୍ଷେତ୍ର ଅନ୍ତର୍ଭୁକ୍ତ। ସେମାନେ ସେମିକଣ୍ଡକ୍ଟର ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଭଳି ଉଦୀୟମାନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ନେତାମାନେ ଦ୍ୱିପାକ୍ଷିକ ଡିଜିଟାଲ୍ ପରିଷଦ ମାଧ୍ୟମରେ ଦୁଇ ଦେଶ ମଧ୍ୟରେ ଡିଜିଟାଲ୍ ସହଯୋଗରେ ନିରନ୍ତର ପ୍ରଗତିକୁ ପ୍ରଶଂସା କରିଥିଲେ ଏବଂ ଫିନଟେକ୍ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ୟୁପିଆଇ ଓ ପେନେଟ୍ ମଧ୍ୟରେ ଚୁକ୍ତିନାମାକୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ସଂସଦୀୟ ଏବଂ ବିଶ୍ୱବିଦ୍ୟାଳୟ ବିନିମୟ ମାଧ୍ୟମରେ ଯୁବ ସମ୍ପର୍କକୁ ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ଭାରତର ନାଳନ୍ଦା ବିଶ୍ୱବିଦ୍ୟାଳୟ ଏବଂ ମାଲାୟା ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି ମାଡ୍ରାସ ଓ ମାଲେସିଆର ଆଡଭାନ୍ସଡ୍ ସେମିକଣ୍ଡକ୍ଟର ଏକାଡେମୀ ମଧ୍ୟରେ ଜାରି ସହଯୋଗକୁ ସ୍ୱାଗତ କରିଥିଲେ। ମାଲେସିଆରେ ଭାରତର ପ୍ରଥମ ବାଣିଜ୍ୟିକ ଦୂତାବାସ ଖୋଲିବା ଦ୍ୱାରା ବାଣିଜ୍ୟିକ ଏବଂ ଲୋକ ସମ୍ପର୍କ ଆହୁରି ମଜବୁତ ହେବ ବୋଲି ମଧ୍ୟ ସେ ଉଲ୍ଲେଖ କରିଥିଲେ। ଦୁଇ ନେତା ବିଶ୍ୱ ଶାସନ ସଂସ୍କାର, ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ଭାରତ-ଆସିଆନ ସହଭାଗୀତା ବୃଦ୍ଧି ସମେତ ପାରସ୍ପରିକ ହିତ ସହ ଜଡ଼ିତ ଆଞ୍ଚଳିକ ଏବଂ ବିଶ୍ୱ ପ୍ରସଙ୍ଗ ଉପରେ ସେମାନଙ୍କର ବିଚାର ବିନିମୟ କରିଥିଲେ। ପ୍ରଧାନମନ୍ତ୍ରୀ ଏଆଇଟିଆଇଜିଏ ସମୀକ୍ଷାର ଶୀଘ୍ର ପରିସମାପ୍ତି ପାଇଁ ଆହ୍ୱାନ କରିଥିଲେ। ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ୨୦୨୬ରେ ଭାରତର ବ୍ରିକ୍ସ ଅଧ୍ୟକ୍ଷତା ପାଇଁ ଶୁଭେଚ୍ଛା ଏବଂ ନିଜର ସମର୍ଥନ ପ୍ରକାଶ କରିଥିଲେ। ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଲାଲକିଲ୍ଲା ବିସ୍ଫୋରଣକୁ କଡ଼ା ନିନ୍ଦା କରିଥିବାରୁ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ଧନ୍ୟବାଦ ଜଣାଇଥିଲେ ଏବଂ ଆତଙ୍କବାଦ ବିରୋଧରେ ନିରନ୍ତର ଘନିଷ୍ଠ ସହଯୋଗ ପାଇଁ ଆହ୍ୱାନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଦଶମ ଭାରତ-ମାଲେସିଆ ସିଇଓ ଫୋରମ୍ ଶନିବାର ଅନୁଷ୍ଠିତ ହୋଇଥିଲା। ଉଭୟ ପକ୍ଷ ଫୋରମର ଫଳାଫଳ ଡକ୍ୟୁମେଣ୍ଟକୁ ଗ୍ରହଣ କରିଥିଲେ। ଏହାପରେ ଦୁଇ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ବାର୍ତ୍ତା ପ୍ରଦାନ କରିଥିଲେ।

## ମାଲକାନଗିରିରେ ରହିବେ ଛତିଶଗଡ଼ ବିଧାୟକ

ଭୁବନେଶ୍ୱର,(ଜା.ପ୍ର): ଛତିଶଗଡର ପୂର୍ବତନ ଅବକାରୀ ମନ୍ତ୍ରୀ ତଥା ଏବେର କଣ୍ଟା ନିର୍ବାଚନମଣ୍ଡଳୀର ବିଧାୟକ କବାସି ଲକ୍ଷ୍ମା। ଦୁର୍ନୀତି ମାମଲାରେ ୧୩ ମାସ ଧରି ରାୟପୁର ଜେଲ୍‌ରେ ରହିବା ପରେ ସୁପ୍ରିମକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। କେସ୍ ଚାଲିବା ପର୍ଯ୍ୟନ୍ତ କବାସି ଛତିଶଗଡ଼ ମାଟି ମାଡିବେ ନାହିଁ। ଯେଉଁଥିପାଇଁ ସେ ପଡ଼ୋଶୀ ମାଲକାନଗିରି ଜିଲ୍ଲାକୁ ନିଜର ଆଶ୍ରୟସ୍ଥଳୀ ଭାବି ବାଛି ନେଇଛନ୍ତି। ଛତିଶଗଡ଼ର ମଦ ଘୋଟାଲା ମାମଲାରେ ଗିରଫ ହୋଇ ରାୟପୁର କେନ୍ଦ୍ରୀୟ ଜେଲରେ ଦୀର୍ଘଦିନ ଧରି ବିଚାରାଧୀନ ବନ୍ଦୀ ଭାବେ ରହିଥିବା କବାସୀ ସାକ୍ଷୀଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତାଙ୍କର ମାମଲା ବର୍ତ୍ତମାନ ମଧ୍ୟ ହାଇକୋର୍ଟରେ ବିଚାରାଧୀନ ରହିଛି। ଏହି କାରଣରୁ ସେ ଛତିଶଗଡ଼ ରାଜ୍ୟରେ ରହିପାରିବେ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି। ଫଳରେ କବାସୀ ଲାଖମା ଓଡ଼ିଶାର ମାଲକାନଗିରି ଜିଲ୍ଲାକୁ ଆସି ଆଶ୍ରୟ ନେଇଛନ୍ତି। ପଡ଼ୋଶୀ ତେଲେଙ୍ଗାନାରେ ମଧ୍ୟ କଂଗ୍ରେସ ଶାସନ ରହିଛି ଏବଂ ସେଠାରେ ମଧ୍ୟ ସେ ରହିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥିଲା। କିନ୍ତୁ ମାଲକାନଗିରି ଜିଲ୍ଲା ସହିତ ତାଙ୍କର ନିର୍ବାଚନମଣ୍ଡଳୀର ଦୂରତା ମାତ୍ର ୨୦ କିଲୋମିଟର ଏବଂ ପ୍ରତି ନିର୍ବାଚନରେ ମାଲକାନଗିରି ଜିଲ୍ଲାରେ ସେ ପ୍ରତ୍ୟକ୍ଷ ଭାବେ ପ୍ରଚାର କରିଛନ୍ତି।

## ନିବେଶ ନାଁରେ ୫୦ ଲକ୍ଷ ଠକେଇ

ଭୁବନେଶ୍ୱର,(ଜା.ପ୍ର): ନିବେଶ କରିବା ନାଁରେ ୫୦ ଲକ୍ଷ ଟଙ୍କା ଠକେଇ। ଆଉ ଏହି ମାମଲାରେ ଭୁବନେଶ୍ୱରର ସାଇବର ଥାନା ପୁଲିସ କୋଲକାତାରୁ ଜଣେ ସାଇବର ଠକଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ଅରବିନ୍ଦ ପାଲ। ହ୍ୱାଟ୍‌ସ ଆପ୍‌ରେ ଲୋଭନୀୟ ଅଫର ଦେଇ ସାଇବର ଠକ ଅରବିନ୍ଦ ପାଲ ଲୋକଙ୍କୁ ଲୁଟୁ ଥିଲେ। ଭୁବନେଶ୍ୱରର ତମାଣ୍ଡୋ ଅଞ୍ଚଳର ଭାଗୀରଥୀ ମହାନ୍ତଙ୍କୁ ଏହିଭଳି ଅଫର ଦେଇ ଚୂନ ଲଗାଇ ଥିଲେ। ସେ ୫୦ ଲକ୍ଷ ୧୬ ହଜାର ଟଙ୍କା ନିବେଶ କରିଥିଲେ। କିନ୍ତୁ କିଛି ରିଟର୍ଣ୍ଣ ପାଇନଥିଲେ। ଅଭିଯୋଗ ପାଇବା ପରେ ସାଇବର ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଭାଗୀରଥୀ ମହାନ୍ତି ଯେଉଁ ୫୦ ଲକ୍ଷ ୧୬ ଲକ୍ଷ ଟଙ୍କା ନିବେଶ କରିଥିଲେ ତାହା ୬ଟି ଆକାଉଣ୍ଟକୁ ଯାଇଥିଲା। ସେହି ଆକାଉଣ୍ଟଗୁଡ଼ିକ ମହାରାଷ୍ଟ୍ର ଓ ଗୁଜରାଟ ଭଳି ବିଭିନ୍ନ ରାଜ୍ୟରେ ରହିଛି। ତେଣୁ ସେମାନଙ୍କ ନେଟୱର୍କରେ ଏକାଧିକ ଲୋକ ଥିବା ପୁଲିସ ଅନୁମାନ କରୁଛି।

# 'ବିସିପିପିଇଆର୍' ହେବ ଗ୍ରୋଥ୍ ଇଞ୍ଜିନ

ଭୁବନେଶ୍ୱର,(ଜା.ପ୍ର): ଲୋକସେବା ଭବନ ସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ପାଇଁ ଅର୍ଥନୈତିକ କରିଡର(ବିସିପିପିଇଆର) ଶୁଭାରମ୍ଭ କରିଛନ୍ତି। ତେବେ ଏହି ବିସିପିପିଇଆର୍ ଓଡ଼ିଶା ଭିଜନ-୨୦୪୭ର ମୁଖ୍ୟ ଗ୍ରୋଥ୍ ଇଞ୍ଜିନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେବଳ ସେତିକି ନୁହେଁ ଏହି ଯୋଜନା ଓଡ଼ିଶାକୁ ୨୦୪୭ ସୁଦ୍ଧା 'ବିକଶିତ ଓଡ଼ିଶା'ରେ ପରିଣତ କରିବା ପାଇଁ ଆମର ସଂକଳ୍ପକୁ ନୂତନ ଶକ୍ତି ପ୍ରଦାନ କରିବ। କେନ୍ଦ୍ରୀୟ ବଜେଟ୍‌ରେ ଘୋଷିତ 'ସିଟି ଇକୋନୋମିକ୍ ରିଜିଅନ୍' ଅଧୀନରେ ମିଳିବାକୁ ଥିବା ସହାୟତା ଏହି ଅଞ୍ଚଳକୁ ଦେଶର ଏକ ପ୍ରମୁଖ ବିକାଶ କେନ୍ଦ୍ର ଭାବେ ଗଢ଼ିତୋଳିବା ସହ ଆମ ପରବର୍ତ୍ତୀ ପିଢ଼ିଙ୍କ ପାଇଁ ଏକ ସୁରକ୍ଷିତ ଓ ସମୃଦ୍ଧ ଭବିଷ୍ୟତର ମୂଳଦୁଆ ସାଜିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ବର୍ତ୍ତମାନ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳର ଅର୍ଥନୀତି ସାରା ଓଡ଼ିଶାର ଅର୍ଥନୀତିର ୧୯% । ୨୦୨୫ ସୁଦ୍ଧା ଏହି ଅଞ୍ଚଳର ଅର୍ଥନୀତିର ଆକାର ୨୨.୪ ବିଲିଅନ ଡଲାର ଅଛି। ୨୦୪୭ ସୁଦ୍ଧା ଏହାକୁ ୫୦୦ ବିଲିଅନ ଡଲାର କରିବାର ଲକ୍ଷ୍ୟ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାର ତଥା ନୀତି ଆୟୋଗର ସହଯୋଗରେ ରାଜ୍ୟର ଡବଲ ଇଞ୍ଜିନ ସରକାର ଏହି ଅଞ୍ଚଳକୁ ଅର୍ଥନୈତିକ କାୟାକଳ୍ପର ଏକ କେନ୍ଦ୍ରଭାବେ ବିକଶିତ କରିବ। ବିସିପିପିଇଆର୍ ପାଇଁ ଏକ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅର୍ଥନୈତିକ ଯୋଜନାକୁ ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ବିସିପିପିଇଆର୍‌କୁ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଭାରତର ଅଭିବୃଦ୍ଧିର ଆକାଶରେ ଏହା ଏକ ନୂତନ ତାରକା ଭଳି ଦୃଶ୍ୟମାନ ହେବ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଆଜିର ଏହି ଯୋଜନା ଓଡ଼ିଶାର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା କହିଛନ୍ତି ଯେ ବିକଶିତ ଓଡ଼ିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ ହେଉଛି ଏହି ବିସିପିପିଇଆର ପ୍ରୋଜେକ୍ଟ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ପାଇଁ ଖୋଲିବ ବିକାଶର ନୂତନ ଦ୍ୱାର

ଭୁବନେଶ୍ୱର,(ଜା.ପ୍ର): କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ 'ବିକଶିତ ଭାରତ' ଗଠନର ଏକ ବଳିଷ୍ଠ ଆଧାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ' ମନ୍ତ୍ରରେ ଅନୁପ୍ରାଣିତ ଏହି ବଜେଟ୍, ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣ କରିବା ସହ ଶିକ୍ଷା, କୃଷି ଓ ପର୍ଯ୍ୟଟନ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଓଡ଼ିଶା ପାଇଁ ବିକାଶର ନୂତନ ଦ୍ୱାର ଖୋଲିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଶନିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଉପସ୍ଥିତିରେ ଶ୍ରୀ ପ୍ରଧାନ ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହାଛଡ଼ା ଶ୍ରୀ ପ୍ରଧାନ କହିଛନ୍ତି ଯେ କେନ୍ଦ୍ରୀୟ ବଜେଟ୍‌ରେ ଓଡ଼ିଶା ବ୍ୟାପକ ଭାବେ ଉପକୃତ ହେବ।

ଜାତୀୟ ଚେତନା
JATIYA CHETANA




# ଟ୍ରମ୍ପ୍‌ଙ୍କୁ ଧନ୍ୟବାଦ ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ,(ଏଜେନ୍ସି): ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଟ୍ରମ୍ପ୍‌ଙ୍କ ଶୁଳ୍କ ହ୍ରାସ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ମୋଦୀ କହିଛନ୍ତି ଯେ, ବନ୍ଧୁ ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତି ଦ୍ୱାରା ମେଡ୍-ଇନ୍ ଇଣ୍ଡିଆ ଉତ୍ପାଦଗୁଡ଼ିକ ଏବେ ଆମେରିକା ବଜାରରେ କମ୍ ଶୁଳ୍କର ସମ୍ମୁଖୀନ ହେବେ ଏବଂ ଏକ ବଜାର ପାଇପାରିବେ, ଏହା ଅତ୍ୟନ୍ତ ଆନନ୍ଦର ବିଷୟ। ଏଥିପାଇଁ ବନ୍ଧୁ ଟ୍ରମ୍ପ୍‌ଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି ମୋଦୀ। ଏହି ଅବସରରେ ମୋଦୀ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଘନିଷ୍ଠ କରିବା ପାଇଁ ତାଙ୍କର ଉଦ୍ଦେଶ୍ୟକୁ ପୁନର୍ବାର ଦୋହରାଇବାକୁ ଯାଇ କହିଛନ୍ତି, ଭାରତ ଏବଂ ଆମେରିକା ମଧ୍ୟରେ ମାର୍ଚ୍ଚ ମାସରେ ଏକ ବହୁ ପ୍ରତୀକ୍ଷିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ସ୍ୱାକ୍ଷର ହେବ ବୋଲି ଆଶା କରାଯାଉଛି। ଉଭୟ ଭାରତ ଏବଂ ଆମେରିକା ପରସ୍ପର ମଧ୍ୟରେ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିର ଢାଞ୍ଚା ଉପରେ ସହମତ ହୋଇଛୁ। ଏହି ବାଣିଜ୍ୟ ଚୁକ୍ତି ଆମର ସହଭାଗୀତାର ବର୍ଦ୍ଧିତ ଗଭୀରତା, ବିଶ୍ୱାସ ଏବଂ ଗତିଶୀଳତାକୁ ପ୍ରତିଫଳିତ କରେ। ଏହା ଭାରତର ପରିଶ୍ରମୀ ଚାଷୀ, ଉଦ୍ୟୋଗୀ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ ନବସୃଜନକାରୀ, ମତ୍ସ୍ୟଜୀବୀ ଏବଂ ଅନ୍ୟମାନଙ୍କ ପାଇଁ ନୂତନ ସୁଯୋଗ ଖୋଲି 'ମେକ ଇନ ଇଣ୍ଡିଆ'କୁ ମଜବୁତ୍ କରିବ। ଏହା ମହିଳା ଏବଂ ଯୁବକମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ମୋଦୀ ଏକ୍ସ'ରେ ଏକ ପୋଷ୍ଟ କରି ଲେଖିଛନ୍ତି, "ଉଭୟ ଭାରତ ଏବଂ ଆମେରିକା ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ, ଏବଂ ଏହି ଢାଞ୍ଚା ଆମର ନିବେଶ ଏବଂ ପ୍ରଯୁକ୍ତିବିଦ୍ୟା ସହଭାଗୀତାକୁ ଆହୁରି ମଜବୁତ କରିବ। ଏହି ଢାଞ୍ଚା ନମନୀୟ ଏବଂ ନିର୍ଭରଯୋଗ୍ୟ ଯୋଗାଣ ଶୃଙ୍ଖଳକୁ ମଧ୍ୟ ମଜବୁତ କରିବ ଏବଂ ବିଶ୍ୱ ଅଭିବୃଦ୍ଧିରେ ଯୋଗଦାନ ଦେବ। ଏକ ବିକଶିତ ଭାରତ ନିର୍ମାଣ ଦିଗରେ ଅଗ୍ରସର ହେବା ସହିତ, ଆମେ ଭବିଷ୍ୟତ-ମୁଖୀ ବିଶ୍ୱ ସହଭାଗୀତା ନିର୍ମାଣ କରିବାକୁ ପ୍ରତିବଦ୍ଧ, ଆମର ଲୋକଙ୍କୁ ସଶକ୍ତ କରିବା ଏବଂ ସହଭାଗୀ ସମୃଦ୍ଧିରେ ଯୋଗଦାନ ଦେବା ପାଇଁ ଆମେ ପ୍ରତିବଦ୍ଧ"।

# ମଣିପୁରରୁ ହଟିଲା ରାଷ୍ଟ୍ରପତି ଶାସନ: ଶପଥ ନେଲେ ନୂଆ ମୁଖ୍ୟମନ୍ତ୍ରୀ ଯୁମ୍‌ନାମ୍ ଖେମ୍‌ଚାନ୍ଦ୍

ନୂଆଦିଲ୍ଲୀ,(ଏଜେନ୍ସି): ଶଷରେ ମଣିପୁରରୁ ରାଷ୍ଟ୍ରପତି ଶାସନ ହଟିଛି। ଦୀର୍ଘ ୩୫୬ ଦିନ ପରେ ବିଜେପିର ପ୍ରୟାସକ୍ରମେ ମଣିପୁରରେ ଏକ ସ୍ଥାୟୀ ସରକାର ଗଠନ ସମ୍ଭବ ହୋଇଛି। ସିଧାସଳଖ କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦିନରେ ରାଜ୍ୟରେ ୩୫୬ ଦିନ ଧରି ଜାରି ଥିବା ନିଜ ନିୟନ୍ତ୍ରଣାଧୀନ ଶାସନବ୍ୟବସ୍ଥାକୁ ପ୍ରତ୍ୟାହାର କରିନେଇଛନ୍ତି। ଯାହାଫଳରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ଏଠାରେ ବହୁମତ ସହ ସରକାର ଗଠନ କରିଛି। ଏଥିସହ ମଣିପୁରକୁ ଯୁମ୍‌ନାମ ଖେମ୍‌ଚାନ୍ଦ ସିଂଙ୍କ ରୂପରେ ୧୩ତମ ମୁଖ୍ୟମନ୍ତ୍ରୀ ମଧ୍ୟ ମିଳିଛି। ଗତକାଲି ଯୁମନାମ୍‌ଙ୍କୁ ବିଧାୟକ ଦଳ ନେତା ଭାବେ ନିର୍ବାଚିତ କରାଯାଇଥିବା ବେଳେ ଆଜି ସେ ମୁଖ୍ୟମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିଛନ୍ତି। ବୁଧବାର ସନ୍ଧ୍ୟାରେ ଇମ୍ଫାଲର ଲୋକଭବନରେ ରାଜ୍ୟପାଳ ଅଜୟ କୁମାର ଭଲ୍ଲା ଖେମ୍‌ଚାନ୍ଦଙ୍କୁ ଶପଥ ପାଠ କରାଇଛନ୍ତି। ତେବେ ମୈତେଇ ସମ୍ପ୍ରଦାୟରୁ ପ୍ରତିନିଧିତ୍ୱ କରୁଥିବା ଯୁମନାମ୍‌ଙ୍କୁ ମୁଖ୍ୟମନ୍ତ୍ରୀ ପଦ ମିଳିଥିବା ବେଳେ କୁକି ସମ୍ପ୍ରଦାୟର ଅଗ୍ରଣୀ ମହିଳା ନେତ୍ରୀ ନେମଚା କିପଗେନ୍ ଏବଂ ନାଗା ସମ୍ପ୍ରଦାୟର ଲୋଧି ଦିଖୋଙ୍କୁ ରାଜ୍ୟର ଦୁଇ ଉପମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ଯୁମନାମ୍‌ଙ୍କ ସହ ଏହି ଦୁଇ ଜଣ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ବିଜେପି ନେତ୍ରୀ ନେମ୍‌ଚା ଦିଲ୍ଲୀର ମଣିପୁର ଭବନରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶପଥ ଗ୍ରହଣ କରିଥିଲେ। ଅନ୍ୟପକ୍ଷେ ନାଗା ପିପୁଲ୍ସ ଫ୍ରଣ୍ଟର ବିଧାୟକ ଆଜିର ଶପଥ ସମାରୋହରେ ନିଜ ପଦ ପାଇଁ ଶପଥ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ମଣିପୁରର କୌଣସି ମହିଳା ବିଧାୟିକା ରାଜ୍ୟର ଉପମୁଖ୍ୟମନ୍ତ୍ରୀ ହେବାରେ ନେମ୍‌ଚା ପ୍ରଥମ। ଫେବୃଆରୀ ୯, ୨୦୨୫ରେ ମଣିପୁରରେ ମୈତେଇ ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା ଯୋଗୁଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂହ ଇସ୍ତଫା ଦେଇଥିଲେ। ସେ ଇସ୍ତଫା ଦେବାର ମାତ୍ର ୪ ଦିନ ପରେ ପରେ ଅର୍ଥାତ୍ ଫେବୃଆରୀ ୧୩, ୨୦୨୫ରେ ରାଜ୍ୟବ୍ୟାପୀ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା।

# ଭାରତ ପାଇଁ ବଡ଼ ଆଶ୍ୱସ୍ତି: ୫୦%ରୁ ୧୮%କୁ ଖସିଲା ସୀମା ଶୁଳ୍କ





ନୂଆଦିଲ୍ଲୀ,(ଏଜେନ୍ସି): ମୋଦୀ-ଟ୍ରମ୍ପ୍ ଆଲୋଚନା ପରେ ପରେ ଭାରତ-ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଏବେ ସାମାନ୍ୟ ହେଉଛି। ରିପୋର୍ଟ ଅନୁସାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ରୁଷ୍ ଠାରୁ ତେଲ କିଣିବା ପରିପ୍ରେକ୍ଷୀରେ ଭାରତ ଉପରେ ଲାଗୁ କରିଥିବା ଅତିରିକ୍ତ ୨୫% ଶୁଳ୍କକୁ ପ୍ରତ୍ୟାହାର କରିନେବା ସମ୍ପର୍କରେ ଘୋଷଣା କରିଛନ୍ତି। ଟ୍ରମ୍ପ ଶୁକ୍ରବାର ବିଳମ୍ବିତ ରାତିରେ ଏକ କାର୍ଯ୍ୟନିର୍ବାହୀ ଆଦେଶରେ ସ୍ୱାକ୍ଷର କରିଛନ୍ତି। ଏହି ଆଦେଶରେ ଆମେରିକା ପକ୍ଷରୁ ରୁଷୀୟ ଅଶୋଧିତ ତୈଳ କିଣିବା ପରିପ୍ରେକ୍ଷୀରେ କାର୍ଯ୍ୟାନୁଷ୍ଠାନ ଅନ୍ତର୍ଗତ ଭାରତୀୟ ସାମଗ୍ରୀ ଆମଦାନୀ ଉପରେ ଲାଗୁ ହୋଇଥିବା ୨୫% ପ୍ରତିଶତ ଶୁଳ୍କକୁ ପ୍ରତ୍ୟାହାର କରିନିଆଯାଉଥିବା ନେଇ ଉଲ୍ଲେଖ ରହିଛି। ତେବେ ଟ୍ରମ୍ପ୍ ଏହି ନିର୍ଦ୍ଦେଶନାମାକୁ ଜରୁରିକାଳୀନ ପରିସ୍ଥିତି ଅନ୍ତର୍ଗତ ଲାଗୁ କରିବା ନେଇ ଘୋଷଣା କରିନଥିଲେ ମଧ୍ୟ ଆଗାମୀ ଦିନରେ ଭାରତ ଏହି ଅତିରିକ୍ତ ୨୫% ଶୁଳ୍କଜନିତ ଚାପରୁ ମୁକ୍ତି ପାଇବା ନେଇ ଏକ ଦୃଢ଼ ଆଶା ସଞ୍ଚାର ହୋଇଛି। ସବୁଠୁ ବଡ଼କଥା ହେଉଛି, ଆମେରିକା ଏବଂ ଭାରତ ମଧ୍ୟରେ ଏକ ବ୍ୟାପକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଥିବା ମଧ୍ୟରେ ଏହି ଶୁଳ୍କ ପ୍ରତ୍ୟାହାର କରାଯାଇଛି।

ଅନ୍ୟପକ୍ଷେ ଭାରତ ପାଇଁ ଏହା ଏକ ବଡ଼ ଆଶ୍ୱସ୍ତିଜନକ ଖବର ସାଜିଛି। କାରଣ ଟ୍ରମ୍ପ୍‌ଙ୍କ ଏହି ୨୫% ଶୁଳ୍କକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନେବାଜନିତ ଘୋଷଣା ଏବଂ କିଛି ଦିନ ପୂର୍ବେ ପାଲଟା ଶୁଳ୍କକୁ ୧୮%କୁ ହ୍ରାସ କରିବା ନିଷ୍ପତ୍ତି ଫଳରେ ଭାରତ ପାଇଁ ଏବେ କେବଳ ୧୮% ଆମେରିକୀୟ ଶୁଳ୍କ ହିଁ ରହିଯାଇଛି। ସିଧାଅର୍ଥରେ କହିଲେ ଉଭୟ ଭାରତ ଏବଂ ଆମେରିକା ଏବେ ଆମଦାନୀ ତଥା ରପ୍ତାନୀ ସାମଗ୍ରୀ ଉପରେ ପରସ୍ପର ପ୍ରତି ୧୮% ଶୁଳ୍କ ଆଧାରରେ ସୀମା ଶୁଳ୍କ ସଂଗ୍ରହ କରିବେ। ପୂର୍ବରୁ ଆମେରିକା ୨ଟି ପର୍ଯ୍ୟାୟରେ ଏହି ଶୁଳ୍କକୁ ୫୦% (୨୫% ପାଲଟା ଶୁଳ୍କ+ ୨୫% ରୁଷୀୟ ତୈଳ କ୍ରୟ ବାବଦ ଅତିରିକ୍ତ ଶୁଳ୍କ) ପର୍ଯ୍ୟନ୍ତ ବୃଦ୍ଧି କରିଥିଲା। ତେବେ ଏହା ସିଧାସଳଖ ୧୮%କୁ ହ୍ରାସ କରିଛି ଆମେରିକା। ପ୍ରକାଶ ଭାରତ ମଧ୍ୟ ଏବେ ଆମେରିକୀୟ ସାମଗ୍ରୀ ଆମଦାନୀ କ୍ଷେତ୍ରରେ ୧୮% ସୀମା ଶୁଳ୍କ ଆଦାୟ କରୁଛି। ସୁତରାଂ ଏଣିକି ଆମେରିକା ମଧ୍ୟ ଭାରତୀୟ ସାମଗ୍ରୀ ଆମଦାନୀ କରିବା ପାଇଁ ୧୮% ଶୁଳ୍କ ଗ୍ରହଣ କରିବ। ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବାଣିଜ୍ୟ ଚୁକ୍ତିରେ ଏହାକୁ ଏକ ପ୍ରାବଧାନ ଭାବେ ରଖାଯାଇଛି।

୩/୪ ଦିନ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଥିଲେ ଯେ, ଭାରତ ତାଙ୍କ (ଟ୍ରମ୍ପ୍ ନିଜେ) ଦାବି ମୁତାବକ ରୁଷ୍ ଠାରୁ ତେଲ କିଣିବା ବନ୍ଦ କରିଛି। ଏପରି ସ୍ଥଳେ ସେ ଏବଂ ତାଙ୍କ ସରକାର ଭାରତ ଉପରୁ ପାଲଟା ଶୁଳ୍କ ବାବଦ ଲାଗୁ କରିଥିବା ୨୫% ଶୁଳ୍କକୁ ୭% ହ୍ରାସ କରିବା ପୂର୍ବକ ୧୮% କରିବାକୁ ନିଷ୍ପତ୍ତି ନେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ଜରୁରିକାଳୀନ ଭିତ୍ତିରେ ଲାଗୁ କରାଯିବ ବୋଲି ମଧ୍ୟ ସେ ନିଜ ଘୋଷଣାନାମାରେ ସ୍ପଷ୍ଟ କରିଥିଲେ। ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତି ଆସିବା ପରେ ପରେ ଏବେ ଆମେରିକା ସରକାରଙ୍କ ପକ୍ଷରୁ ରୁଷୀୟ ତୈଳ କିଣିବା କାରଣରୁ ଭାରତ ଉପରେ ଲାଗୁ କରିଥିବା ଅତିରିକ୍ତ ୨୫% ଶୁଳ୍କକୁ ସମ୍ପୂର୍ଣ୍ଣ ହଟାଇବା ସମ୍ପର୍କୀତ ନିଷ୍ପତ୍ତି ନିଆଯାଇଛି। ଆମେରିକା ସହ ବାଣିଜ୍ୟ ଚୁକ୍ତି ଅନ୍ତରାଳେ ୫୦% ଶୁଳ୍କକୁ ୧୮%କୁ ହ୍ରାସ କରିବା ପ୍ରତିବଦଳରେ, ଭାରତ ମଧ୍ୟ ଆମେରିକୀୟ ଉତ୍ପାଦ ଉପରେ ଏହାର ବାଣିଜ୍ୟ ପ୍ରତିବନ୍ଧକକୁ ହ୍ରାସ କରିବାକୁ ଏବଂ ରୁଷୀୟ ତୈଳ କ୍ରୟକୁ ହ୍ରାସ କରିବାକୁ ରାଜି ହୋଇଛି।

ଏସବୁ ମଧ୍ୟରେ ଭାରତ-ଆମେରିକା ମଧ୍ୟରେ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଜାରି ରହିଥିବା ନେଇ ମିଳିତ ବିବୃତ୍ତି ଜାରି କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଭାରତ ଏବଂ ଆମେରିକା ଖୁବ ଶୀଘ୍ର ଏହି ଢାଞ୍ଚା କାର୍ଯ୍ୟକାରୀ କରିବେ ଏବଂ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମାକୁ ଚୂଡ଼ାନ୍ତ କରିବା ପାଇଁ ଏକାଠି କାମ କରିବେ। ଲକ୍ଷ୍ୟ ହେଉଛି ଏକ ବାଣିଜ୍ୟ ଚୁକ୍ତିନାମା ସୃଷ୍ଟି କରିବା ଯାହା ଉଭୟ ଦେଶକୁ ସମାନ ଭାବରେ ଲାଭ ପହଞ୍ଚାଇବ। ଏହି ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ଏକ ବ୍ୟାପକ ଏବଂ ସ୍ଥାୟୀ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଦିଗରେ ଅଗ୍ରଗତିକୁ ତ୍ୱରାନ୍ୱିତ କରିବ। ଏହି ପଦକ୍ଷେପ ସାମ୍ପ୍ରତିକ ଶୁଳ୍କ ଉତ୍ତେଜନା ମଧ୍ୟରେ ସେମାନଙ୍କର ଆର୍ଥିକ ସମ୍ପର୍କକୁ ମଜବୁତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ବିବେଚନା କରାଯାଉଛି। ଅନ୍ୟପକ୍ଷେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ୍ କହିଛନ୍ତି, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଦ୍ୱାରା ଭାରତୀୟ ରପ୍ତାନିକାରୀ, ବିଶେଷକରି କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ), ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ପାଇଁ ପ୍ରାୟ ୩୦ ଟ୍ରିଲିଅନ ଡଲାରର ବଜାର ଖୋଲିବ। ରପ୍ତାନି ବୃଦ୍ଧି ଦ୍ୱାରା ଦେଶର ମହିଳା ଏବଂ ଯୁବକମାନଙ୍କ ପାଇଁ ଲକ୍ଷ ଲକ୍ଷ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ଚୁକ୍ତିନାମାକୁ ଭାରତ-ଆମେରିକା ସହଭାଗୀତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ସେ ବର୍ଣ୍ଣନା କରିଛନ୍ତି।

# ସୁପ୍ରିମକୋର୍ଟରେ ନିଜ ପକ୍ଷ ନିଜେ ରଖିଲେ ମମତା

ନୂଆଦିଲ୍ଲୀ,(ଏଜେନ୍ସି): ପଶ୍ଚିମବଙ୍ଗ ଏସ୍‌ଆଇଆର୍ ମାମଲା ଉପରେ ବୁଧବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ତେବେ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଶାସକ ଦଳ ତୃଣମୂଳ କଂଗ୍ରେସର ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଆଜି ଏକ ଭିନ୍ନ ଅବତାରରେ ଦେଖିବାକୁ ମିଳିଥିଲା। ମମତା ନିଜ ଆଡଭୋକେଟ୍ ମଣ୍ଡଳୀଙ୍କ ସହ ସାମିଲ ହୋଇ ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠଙ୍କ ସମ୍ମୁଖରେ ନିଜ ପକ୍ଷ ରଖିବା ସହ ନିଜେ ଯୁକ୍ତି ବାଢ଼ିଛନ୍ତି। ମମତା ଜଣେ ଆଡଭୋକେଟ୍‌ଙ୍କ ଭଳି କଳା ଗାଉନ୍ ପରିଧାନ କରିଥିଲେ ଏବଂ ସୁପ୍ରିମକୋର୍ଟରେ ନିଜ ଦଳର ଯୁକ୍ତିକୁ ନିଜେ ଉପସ୍ଥାପନ କରିଥିଲେ। ଅବଶ୍ୟ ଏପରି କରିବା ପାଇଁ ସେ ସୁପ୍ରିମକୋର୍ଟଙ୍କ ଠାରୁ ବହୁ ପୂର୍ବରୁ ଅନୁମତି ନେଇଥିଲେ। ତେବେ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ଏପ୍ରକାର କୌଣସି ମାମଲାରେ ସୁପ୍ରିମକୋର୍ଟଙ୍କ ସମ୍ମୁଖରେ ନିଜେ ଯୁକ୍ତି ବାଢ଼ିବା ଦେଶର ତଥା ସୁପ୍ରିମକୋର୍ଟ ଇତିହାସରେ ପ୍ରଥମ ଘଟଣା ସାଜିଛି। ମମତାଙ୍କ ଏଭଳି ସାହସୀ ପଦକ୍ଷେପକୁ ଏବେ ଚାରିଆଡୁ ପ୍ରଶଂସା କରାଯାଉଛି। ସାଧାରଣତଃ, ମୁଖ୍ୟମନ୍ତ୍ରୀଙ୍କ ଓକିଲ କିମ୍ବା ପରାମର୍ଶଦାତା କୋର୍ଟରେ ହାଜର ହୋଇଥାଆନ୍ତି। ମମତା ଖଣ୍ଡପୀଠଙ୍କ ସମ୍ମୁଖରେ ନିଜ ଅଭିଯୋଗକୁ ପୁନର୍ବାର ଦୋହରାଇଥିଲେ। ମମତା, ଖଣ୍ଡପୀଠଙ୍କ ସମ୍ମୁଖରେ ଅନେକ ଯୁକ୍ତି ବାଢ଼ିଥିଲେ। ମମତାଙ୍କ ଯୁକ୍ତି ମଧ୍ୟରେ ଆଗକୁ ଯେତେବେଳେ ବିଧାନସଭା ନିର୍ବାଚନ ଆଉ ମାତ୍ର ୨ ମାସ ବାକି ରହିଛି ସେତେବେଳେ କାହିଁକି ଏପ୍ରକାର ଏସ୍‌ଆଇଆର୍ ପ୍ରକ୍ରିୟା କରାଯାଉଛି। ଏସବୁ କିଛି ଦୁଇ ବର୍ଷ ପୂର୍ବରୁ କାହିଁକି କରାଗଲାନାହିଁ। ଏତଦ୍‌ବ୍ୟତୀତ ଦୀର୍ଘ ୨୪ ବର୍ଷ ଧରି ଚୁପ୍ ରହିବା ପରେ ତରବରିଆ ଭାବେ ମାତ୍ର ୩ ମାସରେ ଏହାକୁ ସମାପ୍ତ କରିବାକୁ କାହିଁକି ଏତେ ବ୍ୟସ୍ତତା କାହିଁକି ପ୍ରକାଶ କରୁଛି ନିର୍ବାଚନ ଆୟୋଗ। ମାତ୍ରାଧିକ କାର୍ଯ୍ୟ ଚାପ ଯୋଗୁ ୧୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ନିର୍ବାଚନ ଆୟୋଗଙ୍କ ଏପ୍ରକାର ଜବରଦସ୍ତିଆ କାର୍ଯ୍ୟକ୍ରମ ଯୋଗୁ ବିଏଲ୍‌ଓ (ବ୍ଲକ୍ ସ୍ତରୀୟ ଅଧିକାରୀ)ମାନେ ପ୍ରାଣ ହରାଉଛନ୍ତି। ସେହିପରି ଆସାମ ଏବଂ ଉତ୍ତର ପୂର୍ବ ରାଜ୍ୟରେ ଅନୁପ୍ରବେଶକାରୀଙ୍କ ସମସ୍ୟା ସର୍ବାଧିକ ଥିବାବେଳେ କେବଳ ପଶ୍ଚିମବଙ୍ଗକୁ ହିଁ କାହିଁକି ଟାର୍ଗେଟ୍ କରାଯାଉଛି। ମମତା ଏହି ଅବସରରେ ଦାବି କରିଥିଲେ ଯେ, ନାମ ମେଳ ନହେବା ନେଇ ଜାରି ନୋଟିସ ପ୍ରତ୍ୟାହାର କରାଯିବା ଉଚିତ୍। ସେହିପରି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ମଧ୍ୟ ଜବାବ ଦିଆଯାଇଥିଲା। ଅନ୍ୟପକ୍ଷେ ଉଭୟ ପକ୍ଷର ଯୁକ୍ତି ତର୍କ ତଥା ଜବାବ ଶୁଣିବା ପରେ ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କୁ ଆଜି ପୁନର୍ବାର ଏକ ନୋଟିସ୍ ଜାରି କରିଛନ୍ତି।


# ବିଜୟରୁ ଭାରତର ବିଶ୍ୱକପ୍ ଅଭିଯାନ: ୨୯ ରନ୍‌ରେ ହାରିଲା ଆମେରିକା

ମୁମ୍ବାଇ,(ଏଜେନ୍ସି): ଭାରତ ନିଜ ଟି-୨୦ ବିଶ୍ୱକପ୍ ଅଭିଯାନ ବିଜୟ ସହିତ ଆରମ୍ଭ କରିଛି। ଟି-୨୦ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଆରମ୍ଭ ହୋଇଥିବା ବେଳେ ଆଜି ଦିନରେ ୩ଟି ମ୍ୟାଚ୍ ଖେଳାଯାଇଥିଲା। ତେବେ ଦିନର ଅନ୍ତିମ ମ୍ୟାଚ୍‌ରେ ଭାରତୀୟ ଦଳ ଆମେରିକାକୁ ୨୯ ରନ୍‌ରେ ପରାସ୍ତ କରିବାରେ ସଫଳ ହୋଇଛି। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଧାର୍ଯ୍ୟ ୨୦ ଓଭର ଶେଷ ସୁଦ୍ଧା ୯ ୱିକେଟ୍ ହରାଇ ୧୬୧ ରନ କରିବାରେ ସଫଳ ହୋଇଥିଲା। ତେବେ ଟିମ୍ ଇଣ୍ଡିଆର ପ୍ରଥମ ୪ ୱିକେଟ୍ ମାତ୍ର ୪୬ ରନ୍‌ରେ ଆଉଟ୍ ହୋଇ ପାଭିଲିୟନ୍ ଫେରିବା ଭାରତୀୟ କ୍ରୀଡା ପ୍ରଶଂସକଙ୍କୁ ବେଶ୍ ନିରାଶ କରିଥିଲା। ଯୁବ ଓପନର ଇଶାନ୍ କିଶନ୍ ଏବଂ ଅଭିଷେକ ଶର୍ମାଙ୍କ ଠାରୁ ବିସ୍ଫୋରକ ଇନିଂସ ଆଶା କରୁଥିବା ପ୍ରଶଂସକମାନଙ୍କୁ ଉଭୟ ନିରାଶ କରିଥିଲେ। ଅଭିଷେକ ଖାତା ଖୋଲିପାରିନଥିଲେ ଏବଂ କ୍ୟାଚ୍ ଆଉଟ୍ ହୋଇ ପ୍ରଥମ ୱିକେଟ୍ ଭାବେ ଫେରିଥିଲେ। ସେହିପରି ଇଶାନ୍ ୧୬ ବଲ୍‌ରୁ ୨୦ ରନ୍ ସଂଗ୍ରହ କରିଥିଲେ ମଧ୍ୟ ୨ୟ ୱିକେଟ୍ ଭାବେ କ୍ୟାଚ୍ ଆଉଟ୍ ହୋଇଯାଇଥିଲେ। ସେହିପରି ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ୍ ତିଳକ ବର୍ମା ମଧ୍ୟ ମାତ୍ର ୨୫ ରନ୍ କରି ପାଭିଲିୟନ୍ ଫେରିଥିଲେ। ଦଳର ଅନ୍ୟ ଖେଳାଳି ଯେପରିକି ଶିବମ୍ ଦୁବେ, ରିଙ୍କୁ ସିଂହ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ୍‌ଙ୍କ ଭଳି ଖେଳାଳି ମଧ୍ୟ ସେପରି କିଛି ବି କମାଲ୍ କରିପାରିନଥିଲେ ଏବଂ ଜଣକ ପରେ ଜଣେ ଆଉଟ୍ ହୋଇଥିଲେ। ତେବେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କିନ୍ତୁ ଗୋଟିଏ ପଟେ ଧୈର୍ଯ୍ୟର ସହ ଖେଳକୁ ଆଗକୁ ବଢ଼ାଇଥିଲେ ଏବଂ ୪୯ ବଲ୍‌ରେ ୮୪ ରନ କରି ଦଳକୁ ଏକ ସମ୍ମାନଜନକ ସ୍କୋର ୧୬୧ରେ ପହଞ୍ଚାଇଥିଲେ। ଆମେରିକା ପକ୍ଷରୁ ଶାଡ୍‌ଲି ଭାନ୍ ସାକ୍‌ୱିକ୍ ୪ ଓଭରରେ ମାତ୍ର ୨୫ ରନ୍ ଦେଇ ୪ଟି ୱିକେଟ୍ ଅକ୍ତିଆର୍ କରିଥିଲେ।

ଜାତୀୟ ଚେତନା
JATIYA CHETANA



# ‘ପବିତ୍ରମୋହନ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ଅନୁଷ୍ଠାନ’



ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ଶହୀଦ ପବିତ୍ର ମୋହନ ପ୍ରଧାନ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ଅନୁଷ୍ଠାନ। ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରି ସମାଜରେ ପରିବର୍ତ୍ତନର ସୂତ୍ରପାତ କରିଥିଲେ। ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ନିଜ ନିଜ ଅଞ୍ଚଳରେ ବିଶେଷତଃ ଶିକ୍ଷା ଓ କୃଷିର ବିକାଶ ଦିଗରେ ସମର୍ପିତ ହେବା ଆବଶ୍ୟକ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଅନୁଗୁଳ ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପବିତ୍ରନଗର ଠାରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟିଙ୍କ ଗରିମାମୟ ଉପସ୍ଥିତିରେ ପ୍ରଜାମଣ୍ଡଳ ଆନ୍ଦୋଳନର ମହାନାୟକ ତଥା ପବିତ୍ର ମୋହନ ପ୍ରଧାନଙ୍କ ୧୧୮ତମ ଜୟନ୍ତୀ ଅବସରରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ପବିତ୍ର ନଗର ଠାରେ ଏହି ମହାନାୟକଙ୍କ ଏକ ଭବ୍ୟ ପ୍ରତିମୂର୍ତ୍ତି ଏବଂ ‘ସ୍ମୃତିପୀଠ’ ଉନ୍ମୋଚନ କରିଥିଲେ। ଏହାସହ ପାଲଲହଡ଼ା ନିର୍ବାଚନମଣ୍ଡଳୀ ପାଇଁ ପ୍ରାୟ ୧୭୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପିତ କରିଥିଲେ ରାଜ୍ୟପାଳ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ସମୟରେ ପବିତ୍ର ମୋହନ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ କେନ୍ଦ୍ରମନ୍ତ୍ରୀ। ସେ କହିଛନ୍ତି ପବିତ୍ର ନଗର ଠାରେ ଉନ୍ମୋଚିତ ହୋଇଥିବା ପବିତ୍ର ମୋହନ ପ୍ରଧାନଙ୍କ ଏହି ପ୍ରତିମୂର୍ତ୍ତି ଓ ସ୍ମୃତିପୀଠ ଆଗାମୀ ପିଢ଼ି ପାଇଁ ତ୍ୟାଗ ଓ ସେବାର ଏକ ଜ୍ୱଳନ୍ତ ନିଦର୍ଶନ ହୋଇ ରହିବ। ଆଜି ଲୋକାର୍ପିତ ଓ ଭିତ୍ତିପ୍ରସ୍ତର ହୋଇଥିବା ବିକାଶମୂଳକ କାର୍ଯ୍ୟ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତି ଆମର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି, ଯାହା ଏହି ଅଞ୍ଚଳର ଜନସାଧାରଣଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ। ତନ୍ମଧ୍ୟରୁ ଖମାର ଠାରେ ୧୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭବନ ଏବଂ ପବିତ୍ରନଗର ଓ ବିରୁ ଠାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ। ପବିତ୍ର ମୋହନଙ୍କ ସ୍ମୃତିକୁ ସମ୍ମାନ ଜଣାଇ ପବିତ୍ରନଗର ଠାରେ ୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ମୃତି ପୀଠ ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ ହୋଇଛି। ଖମାର ଠାରେ ୧୧ କୋଟି ଟଙ୍କାର ସିଏଚସି ଭବନ ଏବଂ ପବିତ୍ରନଗର ଓ ବିରୁ ଠାରେ ପିଏଚସି କୋଠାର ଉଦଘାଟନ ହୋଇଛି। ପବିତ୍ରନଗର ଡିଗ୍ରୀ କଲେଜରେ ୩.୬୦ କୋଟି ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଏବଂ ପବିତ୍ରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଗମନାଗମନ ସୁବିଧା ପାଇଁ ସମାକୋଇ ନଦୀ ଉପରେ ୩୦ କୋଟି ଟଙ୍କାରେ ହାଇଲେଭଲ ବ୍ରିଜ୍ ଏବଂ ୨୧.୮୭ କୋଟି ଟଙ୍କା ବ୍ୟୟରେ ଜାତୀୟ ରାଜପଥ-୬ରୁ ଜମାରଡିହି ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ପାଲଲହଡ଼ାଠାରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ପବିତ୍ରନଗରରେ କଲ୍ୟାଣ ମଣ୍ଡପ ନିର୍ମାଣ ଆଦି ପାଇଁ ମଧ୍ୟ ଶିଳାନ୍ୟାସ ହୋଇଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୧୮ରୁ ଯୁକ୍ତ ୨, ୧୯ରୁ ମାଟ୍ରିକ ପରୀକ୍ଷା

## ପରୀକ୍ଷା ପରିଚାଳନାରେ ଅବହେଳାକୁ ବରଦାସ୍ତ କରାଯିବନି: ମୁଖ୍ୟ ସଚିବ

ଭୁବନେଶ୍ୱର,(ଜା.ପ୍ର): ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ(ଯୁକ୍ତ ୨) ପରୀକ୍ଷା ଆସନ୍ତା ଫେବୃୟାରୀ ୧୮ ତାରିଖରୁ ଏବଂ ବାର୍ଷିକ ମାଧ୍ୟମିକ ପରୀକ୍ଷା(ମାଟ୍ରିକ )ସମେତ ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ଏବଂ ମଧ୍ୟମା ପରୀକ୍ଷା ଫେବୃୟାରୀରୁ ୧୯ରୁ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ପରୀକ୍ଷା ପରିଚାଳନାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବନି ବୋଲି ଶ୍ରୀମତୀ ଗର୍ଗ  କହିଛନ୍ତି। ବୈଠକରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଆରକ୍ଷୀ ଅଧିକ୍ଷକମାନେ ଯୋଗଦେଇଥିଲେ।

ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡଃ. ଏନ୍ ତିରୁମାଲା ନାଏକଙ୍କ ସମେତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ, ପରୀକ୍ଷା ନିୟନ୍ତ୍ରକ  ପ୍ରଶାନ୍ତ କୁମାର ପରିଡା, ଉପ ଶାସନ ସଚିବ ଯଶବନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ, ଉପ ସଭାପତି ଅମୂଲ୍ୟ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା ଯୋଗ୍ୟ ଯେ, ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା-୨୦୨୬ ରେ ଏ ବର୍ଷ ୨ ଲକ୍ଷ ୫୬ ହଜାର ୭୦୭ ଜଣ କଳା, ବାଣିଜ୍ୟରେ ୨୪ ହଜାର ୬୨୧ ଏବଂ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୩୬୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫୯୩୨ ଏହିପରି ମୋଟ ୪ ଲକ୍ଷ ୧୬ ହଜାର ୨୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିପାଇଁ ୨୧୧ ଟି ପରୀକ୍ଷା ପରିଚାଳନା ହବ୍, ୧୩୫୭ ଟି ପରୀକ୍ଷା କେନ୍ଦ୍ର ସହ ୭ ଟି ଉପ-କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ଏହି ପରୀକ୍ଷା ୧୮ ଫେବୃଆରୀ ୨୦୨୬ ରୁ ୨୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୨୩ ଦିନ ଧରି ଚାଲିବ।

ସେହିପରି ବାର୍ଷିକ ମାଧ୍ୟମିକ ସାର୍ଟିଫିକେଟ୍ର ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ୨ ମାର୍ଚ୍ଚ ୨୦୨୬ ରେ ସରିବ। ବାର୍ଷିକ ମାଧ୍ୟମିକ ସାର୍ଟିଫିକେଟ୍ ପରୀକ୍ଷାରେ ୫ ଲକ୍ଷ ୪୬ ହଜାର ୮୭୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା, ମଧ୍ୟମାକୁ ମିଶାଇ ମୋଟ୍ ୫ ଲକ୍ଷ ୬୧ ହଜାର, ୯୭୯ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥି ପାଇଁ ସମସ୍ତ ଜିଲ୍ଲାରେ ମୋଟ୍ ୩୨୨ ଟି ନୋଡାଲ ସେଣ୍ଟର, ୩୦୮୨ ଟି ପରୀକ୍ଷା କେନ୍ଦ୍ର ଓ ୫୦ ଟି “ଉତ୍ତର ପତ୍ର ମୂଲ୍ୟାଙ୍କନ କେନ୍ଦ୍ର” ରହିଛି। ପରୀକ୍ଷା ସୁପରିଚାଳନା ନେଇ ମାଧ୍ୟମିକ ଶିକ୍ଷା ପରିଷଦ, କଟକର ଷ୍ଟ୍ରଙ୍ଗ ରୁମରୁ ନୋଡାଲ କେନ୍ଦ୍ରଗୁଡିକୁ ଡେସ୍ପାଚ୍ ଟିମ୍ ସହିତ ଶସ୍ତ୍ରଧାରୀ ଆରକ୍ଷୀ କର୍ମଚାରୀ ନିୟୋଜିତ ରହିବାଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ରଗୁଡିକରେ ସୁଚାରୁରୂପେ ପରୀକ୍ଷା ପରିଚାଳନା, ନିରୀକ୍ଷଣ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ସମସ୍ତ ନୋଡାଲ୍ କେନ୍ଦ୍ର ଏବଂ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ଗ୍ରହଣରୁ ଆରମ୍ଭ କରି ଉତ୍ତର ପୁସ୍ତିକା ସଂଗ୍ରହ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଓ ସିସିଟିଭି ନିରୀକ୍ଷଣ ଅଧିନରେ ରଖାଯିବା ନେଇ ପ୍ରସ୍ତୁତି ହୋଇଥିବା ସମ୍ପର୍କରେ ପ୍ରସ୍ତୁତି ଆଲୋଚନା କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ର ଭିତରେ ମୋବାଇଲ୍ ଓ ଅନ୍ୟାନ୍ୟ ଇଲୋକ୍ଟ୍ରୋନିକ ଉପକରଣ ବ୍ୟବହାର ନିଷିଦ୍ଧ କରାଯାଇଛି। ପରୀକ୍ଷା ପରିଚାଳନା ସମ୍ପର୍କିତ ନିୟମ ବା ବିଧାନର ଉଲଘଂନ ହେଲେ ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ୍ ୧୯୮୮ ଏବଂ ଭାରତରେ ନ୍ୟାୟ ସଂହିତା ଅନ୍ତର୍ଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜଣାଯାଇଛି। ଗାଇଡଲାଇନ୍ ଅନୁସାରେ ସମସ୍ତ ପ୍ରସ୍ତୁତିକୁ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଜିଲ୍ଲା ନୋଡାଲ ଅଧିକାରୀଙ୍କ ପାଖରେ ପରୀକ୍ଷା ପରିଚାଳନା ମାର୍ଗଦର୍ଶିକା ନିଶ୍ଚିତ ଭାବେ ରହିବା ଓ ଏହାକୁ ଅନୁସରଣ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ମାର୍ଚ୍ଚ ୧୪କୁ ଘୁଞ୍ଚିଲା ‘ମହାନଦୀ’ ଶୁଣାଣି

ଭୁବନେଶ୍ୱର,(ଜା.ପ୍ର): ନ୍ୟାୟ ମାଗି ମାଗି ନୟାନ୍ତ ହେଲାଣି ମହାନଦୀ। ନ୍ୟାୟିକ ଲଢ଼େଇରେ ୪୯ ଥର ଶୁଣାଣି ପରେ ବି ଫଳ ଶୂନ୍। ଶନିବାର ଟ୍ରିବ୍ୟୁନାଲରେ ଥିଲା ୫୦ତମ ଶୁଣାଣି। ଆଶା, ଆକାଂକ୍ଷା ଅନେକ ଥିଲା। ହେଲେ ଫଳାଫଳ ଶୂନ। କେବଳ ନୂଆ ତାରିଖ ନେଇ ଫେରିଛି ଓଡ଼ିଶା। ଆସନ୍ତା ମାର୍ଚ୍ଚ ୧୪ ତାରିଖକୁ ମହାନଦୀ ଜଳ ବିବାଦ ଶୁଣାଣି ଘୁଞ୍ଚିଛି। ଫେବୃଆରୀ ଶେଷ ସପ୍ତାହରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ଟ୍ରିବ୍ୟୁନାଲ ସ୍ପଟ୍ ଭିଜିଟ୍ କରିବେ। ଟ୍ରିବ୍ୟୁନାଲ୍ ସ୍ପଟ୍ ଭିଜିଟ୍ କରି ସାରିବା ପରେ ମାର୍ଚ୍ଚ ୧୪ ତାରିଖରେ ଶୁଣାଣି ହେବ। ଏନେଇ ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏପ୍ରିଲ ୧୩ ତାରିଖରେ ଟ୍ରିବ୍ୟୁନାଲ୍ ଅବଧି ଶେଷ ହେବାକୁ ଯାଉଛି। ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ଟ୍ରିବ୍ୟୁନାଲ୍ ଅବଧି ବୃଦ୍ଧି ପାଇଁ ଅନୁରୋଧ କରିସାରିଛନ୍ତି। ୨୦୨୭ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ଟ୍ରିବ୍ୟୁନାଲ୍ ଚେୟାରପର୍ସନ୍ ପଦ ଖାଲି ଥିବାରୁ ୯ ମାସ କାର୍ଯ୍ୟ ହୋଇନଥିଲା। ଯେଉଁଥି ପାଇଁ କାର୍ଯ୍ୟକ୍ରମ ବିଳମ୍ବିତ ହୋଇଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ସୂଚନାଯୋଗ୍ୟ ମହାନଦୀ ଜଳ ବିବାଦର ସମାଧାନ ଲାଗି ମହାନଦୀ ଟ୍ରିବ୍ୟୁନାଲ୍ ୨୦୧୮ ମାର୍ଚ୍ଚରେ ଗଠନ ହୋଇଥିଲା।

# ଶିକ୍ଷା ହିଁ ସମାଜର ମୁକ୍ତିର ମାର୍ଗ: ଧର୍ମେନ୍ଦ୍ର

ଭୁବନେଶ୍ୱର,(ଜା.ପ୍ର): ଶିକ୍ଷା ହିଁ ସମାଜର ମୁକ୍ତିର ମାର୍ଗ। ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ଭଳି ଜନନାୟକମାନେ ବିଶ୍ୱାସ କରୁଥିଲେ ଯେ କେବଳ ପାଠ ପଢ଼ିବା ଶିକ୍ଷା ନୁହେଁ, ବରଂ ଶିକ୍ଷା ହେଉଛି ଅନ୍ଧକାରରୁ ଆଲୋକକୁ ଯିବାର ଏକ ମାଧ୍ୟମ। ଏହି ବିଚାରରେ ସେ କଣିହାଁ ଠାରେ ଏକ ଶିକ୍ଷାନୁଷ୍ଠାନ ସଦୃଶ ଏକ ମଞ୍ଜି ବୁଣିଥିଲେ, ଯାହା ଏବେ ପିଏମ୍ ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାମରେ ନାମିତ ହୋଇ ବଟବୃକ୍ଷର ରୂପ ନେଇଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଅନୁଗୁଳ ଜିଲ୍ଲା କଣିହାଁ ସ୍ଥିତ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ତଥା ‘ପ୍ଲାଟିନମ୍ ଜୁବିଲି’ ସମାରୋହରେ ଓଡ଼ିଶାର  ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟିଙ୍କ ସହ ଯୋଗଦେବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଆଜି କେବଳ ଏହି ଅନୁଷ୍ଠାନର ୭୫ ବର୍ଷ ପୂର୍ତ୍ତିର ଉତ୍ସବ ନୁହେଁ, ବରଂ ଆଜି ହେଉଛି ଏହି ମାଟିର ମହାନ ସଂଗ୍ରାମୀ, ଆମ ସମସ୍ତଙ୍କର ପ୍ରେରଣାର ସ୍ରୋତ ତଥା ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ପବିତ୍ର ମୋହନ ପ୍ରଧାନଙ୍କ ପବିତ୍ର ଜୟନ୍ତୀ। ତାଙ୍କ ଦ୍ୱାରା ଗଢ଼ା ହୋଇଥିବା ଶିକ୍ଷାନୁଷ୍ଠାନରୁ ପାଠପଢ଼ି ଆମ ଅଞ୍ଚଳର ପିଲାମାନେ ଡାକ୍ତର ହେବା ସହ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି, ଯାହା ଏକ ବଡ଼ ଉପଲବ୍ଧି । ଉତ୍ସବ ଅବସରରେ ବିଦ୍ୟାଳୟର ବାର୍ଷିକ ସ୍ମରଣିକା ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଉପରେ ଆଧାରିତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା, ଯାହାକୁ ପ୍ରଶଂସା କରିଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ। ଏହି ପୁସ୍ତକ ପଢ଼ିବା ଦ୍ୱାରା ପିଲାଙ୍କ ମଧ୍ୟରେ ଦେଶପ୍ରେମ ଓ ବୌଦ୍ଧିକ ବିକାଶ ଘଟିବ ବୋଲି କେନ୍ଦ୍ରମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ଏଥିସହ ରାଜ୍ୟପାଳଙ୍କ ଦ୍ୱାରା ପବିତ୍ରନଗର ଠାରେ ଲୋକାର୍ପିତ ହୋଇଥିବା ‘ପବିତ୍ର ମୋହନ ପ୍ରଧାନ ସ୍ମୃତିପୀଠ’ ପରିଦର୍ଶନ କରିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

# ଓଡ଼ିଶା ଗଣ୍ଡ ସାଂସ୍କୃତିକ ସମାଜର ବାର୍ଷିକ ସାଧାରଣ ସଭା




ଭୁବନେଶ୍ୱର,(ଜା.ପ୍ର): ଗଣ୍ଡ ସାଂସ୍କୃତିକ ସମାଜ, ଓଡ଼ିଶାର ପଞ୍ଚମ ରାଜ୍ୟସ୍ତରୀୟ ବାର୍ଷିକ ସାଧାରଣ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ମଞ୍ଚେଶ୍ୱରସ୍ଥିତ ଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠାନ ପରିସରରେ  ସହ ଆୟୋଜିତ ହୋଇଛି। ଅବସରପ୍ରାପ୍ତ ପିସିସିଏଫ୍ ତଥା ସମାଜର ସଭାପତି ଡ଼. ଖଗେଶ୍ୱର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ସ୍କୁଲ ଓ ଗଣ ଶିକ୍ଷା ବିଭାଗ, ଆଦିବାସୀ ଓ ହରିଜନ ତଥା ଅନ୍ୟାନ୍ୟ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ  ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ମନ୍ତ୍ରୀ ନିଜ ଅଭିଭାଷଣରେ ସମସ୍ତ ସମାଜର ସମସ୍ତ ଭାଇ-ଭଉଣୀଙ୍କୁ ଏକତ୍ରିତ ହୋଇ ସମାଜ ଓ ଜାତିର ସାମଗ୍ରିକ ବିକାଶରେ ଯୋଗଦାନ କରିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଯୋଗେନ୍ଦ୍ର ନାୟକ, ଜଗନ୍ନାଥ ନାୟକ, ଇଂ. କୈଳାସ ଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦାନ କରି ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଯୋଗେନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଭାପତି ଡ଼.ଖଗେଶ୍ୱର ନାୟକ ସମାଜ ଗଠନର ରୂପ ରେଖ ଓ ଭୂମିକା ଉପରେ ବିସ୍ତୃତ ଉପସ୍ଥାପନ କରିଥିଲେ। କରଞ୍ଜିଆର ସମ୍ପାଦକ ଗୋକୁଳ ଚନ୍ଦ୍ର ନାୟକ ମଧ୍ୟ ମତବ୍ୟକ୍ତ କରିବା ସହ ନିଜର ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ବନ୍ଧୁମିଳନ ସହ ନୂତନ କର୍ମକର୍ତ୍ତା ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ମହିଳା, ଶିଶୁ ଓ କିଶୋରମାନଙ୍କ ପାଇଁ କୌତୁକିଆ ଓ ଆକର୍ଷଣୀୟ ଖେଳକୁଦ କାର୍ଯ୍ୟକ୍ରମ ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇ ସଭ୍ୟସଭ୍ୟାମାନଙ୍କ ମଧ୍ୟରେ ଏକତା, ସାମାଜିକ ସମନ୍ୱୟ ଓ ସଂସ୍କୃତି ସୁରକ୍ଷାର ସନ୍ଦେଶ ପ୍ରସାର କରାଯାଇଥିଲା। ସଦାନନ୍ଦ ନାୟକ, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଶ୍ୱିନୀ କୁମାର ଭୋଇ ଓ ରାଜଲକ୍ଷ୍ମୀ ନାୟକ ସଂଯୋଜନା କରିଥିଲେ।

ଜାତୀୟ ଚେତନା
JATIYA CHETANA

# ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଦ୍ୟ ନିର୍ଦ୍ଦେଶନାମା ଜାରି କରିଛି ଯେ, ୨୦୧୧ ଓ ତା'ପର ବ୍ୟାଚ୍ ଆଇପିଏସ୍ ଅଧିକାରୀଙ୍କୁ କେନ୍ଦ୍ରରେ ଇନ୍ସପେକ୍ଟର ଜେନେରାଲ୍ ପଦବୀ ପାଇଁ ତାଲିକାଭୁକ୍ତ ହେବା ସକାଶେ ଏସ୍‌ପି କିମ୍ବା ଡିଜି ସ୍ତରରେ ଅତି କମ୍‌ରେ ଦୁଇ ବର୍ଷ କେନ୍ଦ୍ରୀୟ ଡେପୁଟେଶନ୍‌ର ଦରକାର ପଡ଼ିବ। ଏହା ଏକ ସମ୍ପୂର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ସୂଚିତ କରେ। ବର୍ଷ ବର୍ଷ ଧରି ଜିଲ୍ଲା ପୋଲିସ ବ୍ୟବସ୍ଥାକୁ ପ୍ରକୃତ ପ୍ରାମାଣିକ କ୍ଷେତ୍ର ଭାବରେ ଦେଖାଯାଉଥିଲା, ଯେତେବେଳେ କେନ୍ଦ୍ରୀୟ ନିଯୁକ୍ତି ଉପଯୋଗୀ ଅଥଚ ଇଚ୍ଛାଧୀନ ଥିଲା। ସେହି ସମନ୍ୱୟ ଏବେ ଓଲଟିଯାଇଛି। ସରକାରୀ ଭାବେ ଏହାର କାରଣ ପୂରା ସ୍ପଷ୍ଟ। କେନ୍ଦ୍ରୀୟ ବାହିନୀ ଏବଂ ସଂସ୍ଥାଗୁଡ଼ିକରେ ମଧ୍ୟମ ଏବଂ ବରିଷ୍ଠ ସ୍ତରରେ ଅଧିକାରୀଙ୍କ ଅଭାବ ରହିଛି। ଖାଲି ପଦବୀ ବୃଦ୍ଧି ପାଉଛି। କେନ୍ଦ୍ର ବିଶ୍ୱାସ କରୁଛି ଯେ, ରାଜ୍ୟଗୁଡ଼ିକ ଅଧିକ ସଂଖ୍ୟକ ଯୋଗ୍ୟ ଅଧିକାରୀ ପଠାଉନାହାନ୍ତି। ତେଣୁ ଏହାର ସମାଧାନ ହେଉଛି ଡେପୁଟେଶନକୁ ଅନିବାର୍ଯ୍ୟ କରିବା। କିନ୍ତୁ ଏହାର ପ୍ରଭାବ କର୍ମଚାରୀଙ୍କ ଅଭାବଠାରୁ ଯଥେଷ୍ଟ ବେଶି। କେନ୍ଦ୍ରୀୟ ଡେପୁଟେଶନକୁ ବାଧ୍ୟତାମୂଳକ କରିବାରେ ବିପଦ ରହିଛି। ପୋଲିସ ବ୍ୟବସ୍ଥାର ଆହ୍ୱାନଗୁଡ଼ିକ କେବଳ ଡେସ୍କକେନ୍ଦ୍ରିକ ହୋଇ ରହିଥିବା ଏକ ଦେଶରେ ଏହା ଭଲ ହୋଇ ନ ପାରେ। ସିଏପିଏଫ୍‌ରେ ଧୀରେ ଧୀରେ ଆଇପିଏସ୍ ଡେପୁଟେଶନ ହ୍ରାସ କରିବା ଏବଂ କ୍ୟାଡର ଅଫିସର୍‌ଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଏକ ସ୍ପଷ୍ଟ ବିରୋଧାଭାସ ମଧ୍ୟ ରହିଛି। ଅଧିକ ଆଇପିଏସ୍ ଅଫିସରଙ୍କୁ କେନ୍ଦ୍ର ପଠାଇବା ଏବେ ଜଟିଳ ହୋଇଯାଇଛି। ତା'ପରେ ରାଜ୍ୟଗୁଡ଼ିକ ସର୍ବଦା ସେମାନଙ୍କ ଆଇପିଏସ୍ ଅଧିକାରୀଙ୍କୁ ପ୍ରଶାସନିକ ଏବଂ ରାଜନୈତିକ କାରଣରୁ ସୁରକ୍ଷା ଦେଇଆସିଛନ୍ତି। ତେବେ ଅଧିକାରୀମାନଙ୍କୁ ଆଗକୁ ବଢ଼ିବା ପାଇଁ ଏବେ କେନ୍ଦ୍ରୀୟ ଅଭିଜ୍ଞତା ଦରକାର, କିନ୍ତୁ ପ୍ରକୃତରେ ସେହି ଅଭିଜ୍ଞତା ପାଇବାକୁ ହେଲେ ରାଜ୍ୟ ସରକାରଙ୍କୁ ସେମାନଙ୍କୁ କେନ୍ଦ୍ରକୁ ପଠାଇବାକୁ ପଡ଼ିବ, ଯାହା କେବେ ବି ନିଶ୍ଚିତ ନୁହେଁ।

ନୂତନ ବର୍ଷ ପୂର୍ବରୁ ବିହାରର ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀମାନଙ୍କର ଏକ ଦଳ ସରକାରୀ ଭାବେ ଅନୁମୋଦିତ ଛୁଟିରେ ବିଦେଶକୁ ଯାଇ ଆମେରିକା ଏବଂ ବାଲି ସମେତ ବିଭିନ୍ନ ସ୍ଥାନକୁ ଯାତ୍ରା କରିଥିଲା। ଏହିସବୁ ଯାତ୍ରା ପାଇଁ ଔପଚାରିକ ଭାବରେ ଅନୁମତି ଦିଆଯାଇଥିଲା ଏବଂ କେତେକ କ୍ଷେତ୍ରରେ ଛୁଟି ୪୨ ଦିନ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ଏହାଯୋଗୁ ଫାଇଲଗୁଡ଼ିକ କାମ ନ ହୋଇ ପଡ଼ି ରହୁଥିଲା। ଛୁଟି ଦେବାରେ କୌଣସି ଆଇନ ଭଙ୍ଗ ହୋଇନାହିଁ, କୌଣସି ପ୍ରକ୍ରିୟାକୁ ଏଡାଇ ଦିଆଯାଇ ନାହିଁ। କାଗଜପତ୍ର ଠିକ୍ ଥିଲା, ଅନୁମତି ମଧ୍ୟ ଦିଆଯାଇଥିଲା ଏବଂ ବ୍ୟବସ୍ଥା ଅନୁଯାୟୀ ଯାହା କରାଯିବା କଥା ତାହା ସବୁ ଠିକ୍ ଭାବରେ ହୋଇଥିଲା। ଏହା ବାବୁମାନଙ୍କ ଜାଣତରେ ହୋଇଥିଲା। ସବୁକିଛି ସ୍ପଷ୍ଟ, ଆଇନଗତ ଏବଂ ତ୍ରୁଟିଶୂନ୍ୟ ଥିଲା। ତଥାପି ବିହାରରେ ସ୍ଥାୟୀ ଭାବେ ପ୍ରଶାସନିକ ଚାପ, ଆଇନଶୃଙ୍ଖଳା ଚ୍ୟାଲେଞ୍ଜ ଏବଂ ନିୟମିତ ଶାସନ ମୁଣ୍ଡବିନ୍ଧାର କାରଣ ହୋଇ ରହିଥିବାବେଳେ ବରିଷ୍ଠ ଅମଲାତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ ବିଦେଶରେ ଛୁଟି କାଟିବା ନିଶ୍ଚିତ ଭାବରେ ଏକ ଚିନ୍ତାର ବିଷୟ। ଛୁଟିନେବା ଅଧିକାରକୁ କେହି ବିରୋଧ କରନ୍ତି ନାହିଁ। କିନ୍ତୁ ଯେତେବେଳେ ଅନେକ ବରିଷ୍ଠ ଅଧିକାରୀ ଏକକାଳୀନ କାମରୁ ଦୂରେଇ ରୁହନ୍ତି, ସେତେବେଳେ ତାହାକୁ ସାମୂହିକ ପଳାୟନ ଭାବେ ଦେଖାଯାଏ। ବାବୁମାନେ ଏବେ ଫେରି ଆସିଛନ୍ତି ଏବଂ ସେମାନଙ୍କ ପାସ୍‌ପୋର୍ଟଗୁଡ଼ିକ ସୁରକ୍ଷିତ ହୋଇ ରହିଛି। ଆଶା କରାଯାଉଛି, ପରବର୍ତ୍ତୀ ଗନ୍ତବ୍ୟସ୍ଥଳ ହୁଏତ ଆର୍କଟିକ୍ କ୍ରୁଜ ହୋଇପାରେ।

ଆପଣ ସେଲ୍‌ର ନେତୃତ୍ୱ ନେଉଥିବାବେଳେ ଏକ ଛୋଟ ବୈଷୟିକ ତ୍ରୁଟି ମଧ୍ୟ ବଡ଼ ଷଡ଼ଯନ୍ତ୍ର ତତ୍ତ୍ୱକୁ ସାମ୍ନାକୁ ଆଣିପାରେ। ଜାନୁଆରୀ ଶେଷ କାର୍ଯ୍ୟ ଦିବସରେ ଠିକ୍ ଏପରି ଘଟିଥିଲା। ସତେବେଳେ ସେଲ୍ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦୁ ପ୍ରକାଶଙ୍କ ନାମ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଚୟନ ବୋର୍ଡ (ପିଇଏସ୍‌ବି) ୱେବ୍‌ସାଇଟରୁ କିଛି ସମୟ ପାଇଁ ଗାଏବ ହୋଇଯାଇଥିଲା। ଏହାକୁ ନେଇ ବହୁ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଅମରେନ୍ଦୁଙ୍କୁ ବାହାର କରି ଦିଆଯାଇଛି ନା ତାଙ୍କୁ ବାଦ୍ ଦେବା ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରଶ୍ନ ଉଠିଥିଲା। ଦିନର ଅଧିକାଂଶ ସମୟ ଗୁଜବ ଲାଗି ରହିଲା ଏବଂ ଶିଳ୍ପ ପର୍ଯ୍ୟବେକ୍ଷକମାନେ ଏହାକୁ ବ୍ୟାପକ କରିବାରେ ଲିପ୍ତ ରହିଲେ। ବାସ୍ତବ କଥା ହେଉଛି ପ୍ରକାଶଙ୍କ ବିବରଣୀ ସବୁ ସମୟରେ ସେଲ୍‌ର ୱେବ୍‌ସାଇଟ୍‌ରେ ଅପରିବର୍ତ୍ତିତ ରହିଥିଲା। କିନ୍ତୁ ପିଇଏସ୍‌ବି ପୋର୍ଟାଲ, ଯାହାକୁ ପ୍ରାୟତଃ ଶୀର୍ଷ ପିଏସ୍‌ୟୁ ନିଯୁକ୍ତିରେ ଚୂଡ଼ାନ୍ତ କର୍ତ୍ତୃପକ୍ଷ ଭାବରେ ବିବେଚନା କରାଯାଏ, ସେଥିରେ ତ୍ରୁଟି ଦେଖାଦେଇଥିଲା। ସ୍ୱଳ୍ପ ସମୟ ପାଇଁ ୱେବ୍‌ସାଇଟ୍‌ରୁ ତାଙ୍କ ନାମ ଅନ୍ତର୍ଦ୍ଧାନ ହେବା ଘଟଣା ସମାଲୋଚକଙ୍କୁ ଗୁଜବ ପାଇଁ ସୁଯୋଗ ଦେଇଥିଲା, ଯେଉଁମାନେ ଅନେକ ସମୟରେ ପ୍ରକାଶଙ୍କ କାର୍ଯ୍ୟକାଳର ସମୟ ପୂର୍ବରୁ ଶେଷ ହେବାର ସଙ୍କେତ ଦେଇଆସିଛନ୍ତି। ଏହି ସମୟରେ ସମର୍ଥକମାନେ କିଛି ସମୟ ଚିନ୍ତାରେ ପଡ଼ିଗଲେ। ପ୍ରକାଶ ଗତ କିଛି ସପ୍ତାହ ଧରି ଚାପରେ ଥିବାବେଳେ ସାଧାରଣରେ ଚର୍ଚ୍ଚାରେ ଅଛନ୍ତି, ଯାହାଙ୍କ ପାଇଁ ତାଙ୍କୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇବା ସ୍ୱାଭାବିକ। ସେଲ୍‌ର କିଛି ବ୍ୟକ୍ତି ତାଙ୍କ ନେତୃତ୍ୱ ଉପରେ ସନ୍ଦେହ ସୃଷ୍ଟି କରିବା ସେମାନଙ୍କ ନ୍ୟସ୍ତସ୍ୱାର୍ଥ ମନୋଭାବକୁ ସୂଚିତ କରେ। ସନ୍ଧ୍ୟା ସୁଦ୍ଧା ରହସ୍ୟର ଅନ୍ତ ଘଟିଲା। ନିଖୋଜ ନାମଟି ପୁଣି ସାମ୍ନାକୁ ଆସିଗଲା ଏବଂ ସେଲ୍ ମୁଖ୍ୟାଳୟରେ ପୁଣି କାମ ଆରମ୍ଭ ହୋଇଗଲା।

# ଗାଈ ପାଳନ ବନାମ କୁକୁର ପାଳନ

ସବ୍ୟସାଚୀ ତ୍ରିପାଠୀ



କୋରାପୁଟ ଜଗନ୍ନାଥ ମନ୍ଦିରରୁ ପ୍ରସାଦସେବନ କରି ବନ୍ଧୁଙ୍କ ସହ ବସାକୁ ଫେରୁଥାଏ। ଦେଖିଲି ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି କୁକୁରଟିଏ ସାଙ୍ଗରେ ଧରି ଚାଲୁଛନ୍ତି। କୁକୁର ବେକରେ ଫିତାଟିଏ ଲାଗିଛି। ବ୍ୟକ୍ତିଙ୍କ ହାତରେ ଫିତାର ଆର ପାଖଟି ଅଛି। କୁକୁରଟି ଏଣେତେଣେ ହେଉଛି। ଫିତାଟି ହାତରେ ଥିବାରୁ ବ୍ୟକ୍ତି ଜଣଙ୍କ ମଧ୍ୟ କୁକୁରର ପଛେପଛେ ଏଣେତେଣେ ହେଉଛନ୍ତି। ବନ୍ଧୁ ଜଣଙ୍କ ମୋତେ ସେହି ଆଡ଼କୁ ଇସାରା କଲେ। ଏ ଦୃଶ୍ୟଟି ସହ ମୁଁ ପରିଚିତ ଥିବାରୁ ମୋ ପାଟିରୁ ହଠାତ୍ ବାହାରିଗଲା 'କୁକୁର ହଗାଳି'। ବନ୍ଧୁଙ୍କୁ ଏ କଥଟେ ଭାରି ମଜା ଲାଗିଲା। ସେ କହିଲେ- କ'ଣ କହିଲ ? ମୁଁ ପୁଣି ଥରେ କହିଲି 'କୁକୁର ହଗାଳି'। ସେ ହସିହସି ଗଡ଼ିଗଲେ। ମୁଁ ବୁଝାଇଦେଲି- ଏମାନେ କୁକୁର ମଳ ତ୍ୟାଗ କରିବ ବୋଲି ତା' ଇସାରାରେ ଏଣେତେଣେ ଘୁରୁଛନ୍ତି। ପ୍ରକୃତ ମାଲିକ ଏହି ବ୍ୟକ୍ତି ଜଣକ ନୁହଁନ୍ତି, ବରଂ ସେହି କୁକୁରଟି ହେଉଛି- ଏହି ବ୍ୟକ୍ତିଙ୍କର ମାଲିକ ଏବଂ ବ୍ୟକ୍ତି ଜଣଙ୍କ ହେଉଛନ୍ତି କୁକୁରଟିର ଚାକର। ଚାକରଟିଏ ମାଲିକର ସେବା କରିଥାଏ। ପୁଣି ଏ ଚାକର ଜଣକ ବି ଏପରି ଘୃଣ୍ୟ କାର୍ଯ୍ୟ କରିବାକୁ ବି ପଛାଉ ନାହାନ୍ତି। ବନ୍ଧୁ ଜଣକ ମୋ କଥାରେ ସମ୍ମତି ଜଣାଇଲେ।

ହଁ, ବନ୍ଧୁଗଣ- ଏହା ହେଉଛି ବର୍ତ୍ତମାନ ସମୟର ଅବସ୍ଥା। ଏଠି ଲୋକେ ଗାଈ ଚରାଇବାକୁ କୁଣ୍ଠାବୋଧ କରୁଛନ୍ତି। କିନ୍ତୁ କୁକୁର ଧରି ତାକୁ ମଳତ୍ୟାଗ କରାଇ ନେବାରେ ନିଜକୁ ସମ୍ଭ୍ରାନ୍ତ ଶ୍ରେଣୀୟ ବୋଲି ଦେଖାଇ ହେଉଛନ୍ତି। କି ବିଚିତ୍ର ଏ ସମାଜ !

ପୂର୍ବକାଳରେ ଋଷିମୁନିମାନେ ଗାଈକୁ ଏକ ସାଧାରଣ ପଶୁ ଭାବରେ ନ କହି ତାକୁ ଗୋମାତା ବୋଲି ନାମ ଦେଇଥିଲେ। ସେକାଳରୁ ଏ ପର୍ଯ୍ୟନ୍ତ ଆମେ ତାକୁ ଗୋମାତା ବୋଲି ମାନିଆସୁଛେ। ଗୋମାତା ଦେହରେ ସର୍ବ ଦେବାଦେବୀ ବାସ କରନ୍ତି ବୋଲି ଶାସ୍ତ୍ର କୁହେ। ବ୍ରହ୍ମା, ବିଷ୍ଣୁ ଏବଂ ଶିବ (ତ୍ରିମୂର୍ତ୍ତି) ଗୋମାତାଙ୍କର ଶିଙ୍ଗରେ ବାସ କରନ୍ତି। ସୂର୍ଯ୍ୟ ଓ ଚନ୍ଦ୍ର ତାଙ୍କ ଆଖିରେ, ଦେବତାମାନଙ୍କ ରାଜା ଇନ୍ଦ୍ର ତାଙ୍କ ଗଳାରେ, ଅଗ୍ନି ଦେବତା କାନ୍ଧରେ, ଧନ ଏବଂ ସମୃଦ୍ଧିର ଦେବୀ ଲକ୍ଷ୍ମୀ ଗାଈର ଗୋବରରେ ବାସ କରନ୍ତି। ବିଦ୍ୟା ଏବଂ ଜ୍ଞାନର ଦେବୀ ସରସ୍ୱତୀ ତାଙ୍କ ଜିଭରେ ଏବଂ ତାଙ୍କ ଶବ୍ଦରେ ଗଙ୍ଗା, ଯମୁନା ଏବଂ ନର୍ମଦା ଅନ୍ୟାନ୍ୟ ପବିତ୍ର ନଦୀ ସହିତ ତାଙ୍କ ମୂତ୍ରରେ ଯମ (ମୃତ୍ୟୁର ଦେବତା/ଧର୍ମ) ପିଠି କିମ୍ବା ଖୁରରେ ଅଶ୍ୱିନୀ କୁମାର ଏହି ଯମଜ ଦେବତା ତାଙ୍କ କାନରେ ବାସ କରନ୍ତି। ଏତେ ମହାନ ଅଟନ୍ତି ଆମର ଗୋମାତା। କିନ୍ତୁ ଆଧୁନିକ ସଭ୍ୟତାର ଆଳ ଦେଖାଇ ଆମେ ଗୋମାତାଙ୍କର ମହିମାକୁ ଗ୍ରହଣ କରୁନୁ କିମ୍ବା ଜାଣିଲେ ମଧ୍ୟ ଲଜ୍ଜା ଅନୁଭବ କରୁଛୁ।

କିନ୍ତୁ ଖୁବ୍ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଏହି ତଥାକଥିତ ଶିକ୍ଷିତ ସମାଜ କୁକୁରକୁ ସାଥିରେ ଧରି ବୁଲିବାକୁ ପସନ୍ଦ କରୁଛନ୍ତି। କୁକୁରଟି ଶୋଇବା ଘରରୁ ଆରମ୍ଭ କରି ରୋଷେଇ ଘର ପର୍ଯ୍ୟନ୍ତ ସବୁ ଜାଗାରେ ଅବାଧରେ ପ୍ରବେଶ କରିପାରୁଛି। ଆଗରୁ, କୁକୁରର ମଳକୁ ଛୁଇଁଲେ ଆମକୁ ସ୍ନାନ କରିବାକୁ ପଡୁଥିଲା। କିନ୍ତୁ ଗାଈର ଗୋବର ଓ ମୂତ୍ର ଦେବପୂଜା ପାଇଁ ନିତ୍ୟାନ୍ତ ଆବଶ୍ୟକ। ଗାଈ ବିନା କୌଣସି ଧାର୍ମିକ ଅନୁଷ୍ଠାନର କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇଯାଏ। ଏଭଳି ବି କଥିତ ଅଛି, ଭଗବାନ ରାମଚନ୍ଦ୍ର ଯେତେବେଳେ ଅଶ୍ୱମେଧ ଯଜ୍ଞ କଲେ ସେ ପ୍ରଥମେ ନିଜେ ଗୋବର ବଳରେ ନିଜକୁ ଧୌତ କରିଥିଲେ। ପବିତ୍ର ହେବା ପରେ ଯାଇ ଯଜ୍ଞକାର୍ଯ୍ୟ ଆରମ୍ଭ କରିଥିଲେ। ଯଦିବା ଭଗବାନ ପରମପବିତ୍ର ଅଟନ୍ତି, କିନ୍ତୁ ଗୋମାତାଙ୍କର ମହିମାକୁ ପ୍ରତିଷ୍ଠା କରିବା ପାଇଁ ସେ ଏହି ଲୀଳା କରିଥିଲେ। ପରମପୁରୁଷ ଭଗବାନ ଶ୍ରୀକୃଷ୍ଣ ତ ଗୋମାତାଙ୍କ ପଛେପଛେ ଘୁରି ବୁଲୁଥିଲେ। ଶାସ୍ତ୍ର କହେ, ଭଗବାନ ଶ୍ରୀକୃଷ୍ଣଙ୍କର ଏହି ଇଚ୍ଛା ଥିଲା ଯେ, ଗୋମାତା ତାଙ୍କ ଚତୁଃପାର୍ଶ୍ୱରେ ରହି ଏବଂ ସେ ନିଜ ମଧ୍ୟଭାଗରେ ରହିବା ପାଇଁ ସେ ତ ଗୋପାଳ ବାଳକ ଭାବରେ ସାରା ବୃନ୍ଦାବନରେ ପ୍ରସିଦ୍ଧ ଅଟନ୍ତି। ଏପରି ଅନେକ ବିଷୟରେ ଦୃଷ୍ଟାନ୍ତ ବୈଦିକ ଶାସ୍ତ୍ରମାନଙ୍କରେ ରହିଛି। ଆଧୁନିକ ବିଜ୍ଞାନ ମଧ୍ୟ ଗୋମାତାଙ୍କ ମଳମୂତ୍ରକୁ ଅନେକ ରୋଗର ଅବ୍ୟର୍ଥ ଔଷଧରେ ବ୍ୟବହାର କରିଥାଏ। ସାଧାରଣ ଥଣ୍ଡା, କାଶ, ଆଲର୍ଜିଠୁ ଆରମ୍ଭ କରି ଚର୍ମରୋଗ ତଥା କର୍କଟ ପରି ଜଟିଳ ରୋଗର ଔଷଧ ପାଇଁ ଏହାକୁ ବ୍ୟବହାର କରାଯାଉଛି।

ଏହାର ଠିକ୍ ଓଲଟା କଥା, ଘରେ କୁକୁର ପୋଷିବା ଓ କୁକୁର ମଳ ତ୍ୟାଗ ନିମନ୍ତେ ତା'ର ପଛେ ପଛେ ଘୁରିବା। କୁକୁର ପଶୁମାନଙ୍କ ମଧ୍ୟରେ ଏକ ନିକୃଷ୍ଟ ପ୍ରାଣୀ। ଏହାର ଉପସ୍ଥିତି ଅନେକ ଜୀବାଣୁଙ୍କୁ ନିମନ୍ତ୍ରିତ କରେ ତଥା ରୋଗର କାରଣ ଅଟେ। କୁକୁର ସହିତ ନିକଟତର ହେବା ଦ୍ୱାରା କେଉଁ ବିପଦ ଆସିପାରେ ସେ ବିଷୟରେ ଆମେ କ୍ୱଚିତ୍ ଚିନ୍ତା କରୁ। କୁକୁର ଲାଳରେ, ସେମାନଙ୍କ ମଳ ଏବଂ ପରିସ୍ରାରେ ଏବଂ ଲୋମରେ ରୋଗର ଜୀବାଣୁ ଭରି ରହିଥାଏ। କୁକୁରମାନେ ରେବିଜ୍ (Rabies), ଲେପ୍ଟୋସାୟରୋସିସ୍ (Leptospirosis) ଏବଂ ରିଙ୍ଗୱର୍ମ (Ringworm) ଭଳି ରୋଗ ସୃଷ୍ଟି କରିପାରନ୍ତି, ଯାହା କାମୁଡ଼ିବା, ମୂତ୍ର, ମଳ କିମ୍ବା ସେମାନଙ୍କ ଲୋମ ସହିତ ସମ୍ପର୍କ ମାଧ୍ୟମରେ ସଂକ୍ରମିତ ହୁଏ। ଅନ୍ୟାନ୍ୟ ରୋଗ ମଧ୍ୟରେ ଜୀବାଣୁ ସଂକ୍ରମଣ ଯେପରିକି ସାଲମୋନେଲା (Salmonella) ଏବଂ କ୍ୟାପନୋସାଇଟୋଫାଗା (Capnocytophaga), ପରଜୀବୀ ସଂକ୍ରମଣ ଯେପରିକି ହୁକ୍‌ୱର୍ମ (Hook-worm) ଏବଂ ଗୋଲ୍‌ୱର୍ମ (Round-worm) ଏବଂ ସେମାନେ ବହନ କରିପାରୁଥିବା ଟିକ୍‌ରୁ (Ticks) ହେଉଥିବା ରୋଗ ଅନ୍ତର୍ଭୁକ୍ତ।

ତେଣୁ ଯେତେବେଳେ ଆମେ ସେହି ଜନ୍ତୁମାନଙ୍କୁ ଘରେ ପୋଷିଥାଉ, ସେମାନଙ୍କ ମଳ ପରିଷ୍କାର କରୁ। ସେମାନେ ଆମକୁ କାମୁଡ଼ିଥାନ୍ତି ଓ ଚାଟିଥାନ୍ତି। ସେତେବେଳେ ଯଦି ଆମେ ସତର୍କ ନ ରହୁ, ତେବେ ଆମକୁ ସେମାନଙ୍କ ଦ୍ୱାରା ବହନ କରୁଥିବା ଜୀବାଣୁ, ଭାଇରସ୍ କିମ୍ବା କବକରୁ ବିଭିନ୍ନ ରୋଗ ସଂକ୍ରମିତ ହୋଇପାରେ। ଏହା ବିଶେଷ ଭାବରେ ୫ ବର୍ଷରୁ କମ୍ ଶିଶୁ, ୬୫ ବର୍ଷରୁ ଅଧିକ ବୟସ୍କ, ଗର୍ଭବତୀ ଇତ୍ୟାଦିଙ୍କୁ ସଂକ୍ରମଣ କରିଥାଏ। ଅନେକ କ୍ଷେତ୍ରରେ, ଏଭଳି ଦେଖାଯାଏ ଯେ କୁକୁରମାନେ ଜୀବାଣୁ, ଭାଇରସ୍ କିମ୍ବା ଅନ୍ୟ ଜୀବାଣୁ ଦ୍ୱାରା ସଂକ୍ରମିତ ହେଲେ ଲକ୍ଷଣ ଦେଖାଇବେ ନାହିଁ କିନ୍ତୁ ଆମ ପାଖକୁ ପଠାଇ ପାରିବେ ବା ସଂକ୍ରମିତ କରିପାରିବେ। ଛଅ ମାସରୁ କମ୍ ବୟସ୍କ କୁକୁରମାନେ ବହୁତ ଜୀବାଣୁ ବହନ କରନ୍ତି। କାରଣ ସେମାନଙ୍କର ପ୍ରତିରୋଧ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ବିକଶିତ ହୋଇ ନ ଥାଏ।

ବୈଦିକ ବ୍ୟବସ୍ଥା ଅନୁସାରେ ମଧ୍ୟ କୁକୁରକୁ ଗୃହ ମଧ୍ୟରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇନାହିଁ। କୁକୁରକୁ ତାଲିମ ଦିଆଯିବା ଦରକାର ଯେ ସେମାନେ ଯେପରି ବାହାରେ ରହିବେ। ଜଣେ ଗୃହସ୍ଥ ଦୟାଳୁ ହେବା ଆବଶ୍ୟକ। ସେ କୁକୁର ଏବଂ ବିଲେଇମାନଙ୍କୁ ଖାଦ୍ୟ ଦେଇପାରିବେ, ଯେଉଁମାନେ କି ଘର ବାହାରେ ଖାଇ ଚାଲିପାରିବ। ଆମକୁ ନିମ୍ନ ଜୀବମାନଙ୍କ ସହିତ ଯଥାଯୋଗ୍ୟ ତଥା ଦୟାପୂର୍ଣ୍ଣ ବ୍ୟବହାର କରିବାକୁ ପଡ଼ିବ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆମେ ଅନ୍ୟ ମଣିଷମାନଙ୍କ ସହିତ ଯେପରି ବ୍ୟବହାର କରୁ, ସେହିପରି ସେମାନଙ୍କ ସହିତ ମଧ୍ୟ ବ୍ୟବହାର କରିବାକୁ ପଡ଼ିବ। ସମାନତାର ଭାବନା ରହିବା ଆବଶ୍ୟକ। କିନ୍ତୁ ବ୍ୟବହାରରେ ଭିନ୍ନତା ରଖିବାକୁ ପଡ଼ିବ।

ନିଷ୍କର୍ଷରେ ଏହା ହିଁ କୁହାଯାଇପାରେ ଯେ, ନିଜେ ବରଂ ଗାଈ ଚରାଳି ହେବାରେ ଗୌରବ ଅନୁଭବ କରନ୍ତୁ। କିନ୍ତୁ କୁକୁର ହଗାଳି ହେବାରେ ନୁହେଁ। ଗାଈ ପାଳିବା ଏକ ଉଚ୍ଚକୋଟୀର କାର୍ଯ୍ୟ। ଏହା ଉଭୟ ଶାସ୍ତ୍ର ଓ ବିଜ୍ଞାନ ସମ୍ମତ। କିନ୍ତୁ କୁକୁର ସହିତ ଶାରୀରିକ ଭାବରେ ନିକଟତର ହେବା ଆଦୌ ଗ୍ରହଣୀୟ ନୁହେଁ। ଏହା ଉଭୟ ବ୍ୟକ୍ତି ଓ ସମାଜ ପାଇଁ କ୍ଷତିକାରକ।

ବରଗଡ଼, ଓଡ଼ିଶା

ଜାତୀୟ ଚେତନା
JATIYA CHETANA



### ରାଇରଙ୍ଗପୁରରେ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କଲେ ରାଷ୍ଟ୍ରପତି

# 'ଆଦିବାସୀଙ୍କ ଆର୍ଥିକ ବିକାଶ ପାଇଁ କେନ୍ଦ୍ର ପ୍ରୟାସରତ'




ଭୁବନେଶ୍ୱର,(ଜା.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ରାଇରଙ୍ଗପୁରଠାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ସୂଚନା ପ୍ରଯୁକ୍ତିବିଦ୍ୟା କ୍ୟାମ୍ପସ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ସେ ଆୟୁଷ ହସ୍ପିଟାଲ ତଥା ଆୟୁର୍ବେଦିକ କଲେଜ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ଧନୁର୍ବିଦ୍ୟା କେନ୍ଦ୍ର, ସହର ସୌନ୍ଦର୍ଯ୍ୟକରଣ ଏବଂ ଜଳ ନିଷ୍କାସନ ଉନ୍ନତିକରଣ ପ୍ରକଳ୍ପ, ପ୍ରେକ୍ଷାଳୟ ଓ ସାଂସ୍କୃତିକ କେନ୍ଦ୍ର, ଛାତ୍ରୀନିବାସ ଏବଂ ନିଶା ନିବାରଣ କେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ ଭାରତ ସରକାରଙ୍କ ପୂର୍ବୋଦୟ ଦୃଷ୍ଟିକୋଣ ଓଡ଼ିଶାର ବିକାଶକୁ ପ୍ରାଥମିକତା ଦେଇଥାଏ। ମୟୂରଭଞ୍ଜ ଜିଲ୍ଲା ଏହି ଦୃଷ୍ଟିକୋଣରୁ ଯଥେଷ୍ଟ ଲାଭ ପାଉଛି। ଏହି ବିକାଶମୂଳକ ପ୍ରକଳ୍ପ, ପ୍ରତିଷ୍ଠାନ ଏବଂ ଯୋଜନାଗୁଡ଼ିକ ସ୍ଥାନୀୟ ଅଞ୍ଚଳକୁ ଲାଭାନ୍ୱିତ କରିବ ଏବଂ ଏଠାକାର ଲୋକଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ରାଷ୍ଟ୍ରପତି ବିଶ୍ୱାସ ପ୍ରକଟ କରିଥିଲେ।

ରାଷ୍ଟ୍ରପତି ଆହୁରି କହିଥିଲେ ଯେ ଭାରତ ସରକାର ଆଦିବାସୀ ଭାଇଭଉଣୀମାନଙ୍କ ଆର୍ଥିକ ବିକାଶ ପାଇଁ ବିଶେଷ ପ୍ରୟାସ କରୁଛି। ପ୍ରଧାନମନ୍ତ୍ରୀ ବନ ଧନ ଯୋଜନା ମାଧ୍ୟମରେ ୯୦ ରୁ ଅଧିକ କ୍ଷୁଦ୍ର ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଇଛି। କ୍ଷୁଦ୍ର ଋଣ ଯୋଜନା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ଆଦିବାସୀ ସଦସ୍ୟମାନଙ୍କୁ ଋଣ ଯୋଗାଇ ଦିଆଯାଉଛି। ସେହିପରି ଅନୁସୂଚିତ ଜନଜାତି ମହିଳା ସଶକ୍ତିକରଣ ଯୋଜନା ଅଧୀନରେ ଆଦିବାସୀ ମହିଳାଙ୍କୁ କମ୍ ସୁଧରେ ଋଣ ପ୍ରଦାନ ସରକାରଙ୍କ ପ୍ରତିବଦ୍ଧତାର ଉଦାହରଣ। ସରକାର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସୁବିଧା ପାଇଁ ମଧ୍ୟ କାର୍ଯ୍ୟ କରୁଛନ୍ତି। ପିଭିଟିଜି ସମ୍ପ୍ରଦାୟଗୁଡ଼ିକର କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ-ଜନମନ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକୁ ବିଦ୍ୟୁତକରଣ କରାଯାଇଛି ଏବଂ ଦୁର୍ଗମ ଅଞ୍ଚଳରେ ଫୋର୍ ଜି ଇଣ୍ଟରନେଟ୍ ସଂଯୋଗ ଯୋଗାଇ ଦିଆଯାଇଛି। ଏହି ପ୍ରୟାସ ସହିତ, ଆଦିବାସୀ ଅଞ୍ଚଳରେ ସାମଗ୍ରିକ ବିକାଶର ଧାରା ପ୍ରବାହିତ ହେଉଛି।

ସେହିପରି ରାଷ୍ଟ୍ରପତି କହିଥିଲେ ଯେ ଆଦିବାସୀ ସମ୍ପ୍ରଦାୟର ବିକାଶ ମାଧ୍ୟମରେ ହିଁ ସବୁଠାରୁ ଗରିବ ଲୋକଙ୍କ ଉନ୍ନତିର ଲକ୍ଷ୍ୟ ହାସଲ କରାଯାଇପାରିବ। ସମସ୍ତ ସରକାରୀ କଲ୍ୟାଣ ଓ ବିକାଶମୂଳକ ଯୋଜନାର ଲାଭ ଆଦିବାସୀ ସମ୍ପ୍ରଦାୟକୁ ଯୋଗାଇ ଦେବା ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମସ୍ତଙ୍କୁ ସେହି ଯୋଜନାଗୁଡ଼ିକର ଲାଭ ଉଠାଇ ଅନ୍ୟମାନଙ୍କୁ ସଚେତନ କରିବାକୁ ରାଷ୍ଟ୍ରପତି ଆହ୍ୱାନ କରିଥିଲେ। ସେ କହିଥିଲେ ଯେ ଏହା ସ୍ଥାନୀୟ ବିକାଶ ସୁନିଶ୍ଚିତ କରିବା ସହିତ ରାଜ୍ୟର ବିକାଶରେ ଯୋଗଦାନ କରିବ। ଶେଷରେ ଏହା ଦେଶର ବିକାଶକୁ ଆଗେଇ ନେବ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଆମ ସଂକଳ୍ପ କେବଳ ସରକାର ଏବଂ ନାଗରିକଙ୍କ ସାମୂହିକ ପ୍ରୟାସ ଦ୍ୱାରା ପୂରଣ ହେବ ବୋଲି ରାଷ୍ଟ୍ରପତି ଜୋର ଦେଇ କହିଥିଲେ। ପ୍ରକାଶ ଯେ ରାଇରଙ୍ଗପୁର ଦଣ୍ଡବୋଷ ହେଲିପ୍ୟାଡରେ ରାଷ୍ଟ୍ରପତିଙ୍କ ହ୍ୟାଲିକେପ୍ଟର ଅବତରଣ କରିଥିଲା। ପରେ ରାଷ୍ଟ୍ରପତି ସେଠାରୁ ସଡ଼କପଥରେ ରାଇରଙ୍ଗପୁର ସ୍ଥିତ କେନ୍ଦ୍ର ସରକାରଙ୍କ ଦ୍ୱାରା ନବନିର୍ମିତ ହୋଲିଡେ ହୋମ ଅଭିମୁଖେ ଯାତ୍ରାକରି ହୋଲିଡେ ହୋମ ଉଦ୍‌ଘାଟନ କରିଥିଲେ। ପରେ ମହାମହିମ ମହୁଲଡିହା ସ୍ଥିତ ସରକାରୀ ଏସଏସଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀମାନଙ୍କ ସହ ଭାବ ବିନିମୟ କରିବା ସହ ଭଞ୍ଜବୀର ସୁନାରାମ ସୋରେନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିର ଲୋକାର୍ପଣ କରିଥିଲେ। ଏହାପରେ ରାଷ୍ଟ୍ରପତି ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର ଦର୍ଶନ ଓ ପୂଜା କରିଥିଲେ। ତିନିଜଣ ପୂଜକ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମହାମହିମ ପୂଜା ପରେ ମନ୍ଦିରରେ ଝାଡୁ ମାରିଥିଲେ। ରାଷ୍ଟ୍ରପତି ଏହି ମହାଦେବ ମନ୍ଦିରରେ ପୂର୍ବରୁ ନିୟମିତ ସେବା ପୂଜା କରୁଥିଲେ। ସେହିପରି ଯେତେବେଳେ ବିଜେପି ତାଙ୍କ ନାମ ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ଘୋଷଣା କରିଥିଲା ସେତେବେଳେ ସେ ଏହି ମନ୍ଦିରରେ ଝାଡୁ ମାରିଥିଲେ। ପୂର୍ଣ୍ଣେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜା ସାରି ଫେରିବା ବାଟରେ ପ୍ରଟୋକଲ ଭାଙ୍ଗି ପିଲାଙ୍କୁ ଚକଲେଟ ବାଣ୍ଟିଥିଲେ ମହାମହିମ ରାଷ୍ଟ୍ରପତି।

# ମହାପ୍ରଭୁଙ୍କ ଶରଣରେ ମହାମହିମ, ଶ୍ୱେତଗଙ୍ଗାରେ କଲେ ପିଣ୍ଡ ଦାନ

ଭୁବନେଶ୍ୱର,(ଜା.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରୀରେ ପହଞ୍ଚିବା ପରେ ଶ୍ୱେତଗଙ୍ଗାରେ ପ୍ରଥମେ ପିଣ୍ଡଦାନ କରିଥିଲେ ରାଷ୍ଟ୍ରପତି। ଏହାପରେ ଶ୍ରୀମନ୍ଦିର ଯାଇ ଶ୍ରୀଜିଉଙ୍କ ଦର୍ଶନ କରିଥିଲେ। ମହାମହିମ ସକାଳେ ଲୋକ ଭବନରୁ ବାହାରି ରାଷ୍ଟ୍ରପତି ଭିଆଇପି ରୋଡ୍, ମେଡିକାଲ ଛକ, କାକୁଡିଖାଇ ଛକ ଦେଇ ତୀର୍ଥ ପୁଷ୍କରିଣୀ ଶ୍ୱେତଗଙ୍ଗାରେ ପହଞ୍ଚିଥିଲେ। ସକାଳ ୭ ଟାରେ ସେଠାରେ ପହଞ୍ଚିବା ପରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ରାଷ୍ଟ୍ରପତି ନିଜ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଏବଂ ପିଣ୍ଡଦାନ କରିଥିଲେ। ପରେ ଏମାର ମଠ ଚକଡା ଦେଇ ସକାଳ ୭ଟା ୪୦ ରେ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସେଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢ଼ୀ, ପୁଲିସ ଆଇଜି ଅରୁଣ କୁମାର ସାହୁ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ଏସପି ପ୍ରତୀକ ସିଂ ପ୍ରମୁଖ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ପରେ ରାଷ୍ଟ୍ରପତି ପାଦ ପ୍ରକ୍ଷାଳନ କରି ଅରୁଣ ସ୍ତମ୍ଭ ନିକଟରେ ପହଞ୍ଚି ପ୍ରଣାମ କରିଥିଲେ। ସିଂହଦ୍ୱାର ଦେଇ ପତିତପାବନଙ୍କ ଦର୍ଶନ ସାରି ବାଇଶି ପାହାଚ ଚଢି ଶ୍ରୀଜୀଉ ମାନଙ୍କୁ ଦର୍ଶନ କରିଥିଲେ। ପରେ ଗର୍ଭଗୃହରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପ୍ରାୟ ୨୦ ମିନିଟ୍ ଗର୍ଭଗୃହରେ ଉପସ୍ଥିତ ଥିଲେ ମହାମହିମ। ରାଷ୍ଟ୍ରପତି ନିଜେ ଦୀପ ଲଗାଇ ମହାପ୍ରଭୁଙ୍କୁ ଆରାଧନା କରିଥିଲେ। ରାଷ୍ଟ୍ରପତିଙ୍କ ଶ୍ରୀମନ୍ଦିର ନାଟମଣ୍ଡପ ଦେଇ ପ୍ରବେଶ ସମୟରେ ସ୍ୱସ୍ତୀୟ ବ୍ରାହ୍ମଣଙ୍କ ଦ୍ୱାରା ବେଦ ପାଠ କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ ପରେ ରାଷ୍ଟ୍ରପତି ମୁକ୍ତିମଣ୍ଡପକୁ ଯାଇ ବ୍ରାହ୍ମଣଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ପରେ ସେ ଦେବୀ ବିମଳା, ମା' ଲକ୍ଷ୍ମୀଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ରାଷ୍ଟ୍ରପତିଙ୍କର ମଙ୍ଗଳ କାମନା କରାଯାଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ଆଜି ନୀଳଚକ୍ରରେ ପତିତପାବନ ବାନା ଲାଗି କରାଯାଇଥିଲା। ପରେ ରାଷ୍ଟ୍ରପତି ଶ୍ରୀମନ୍ଦିରରୁ ପ୍ରତ୍ୟାବର୍ତ୍ତନ ସମୟରେ ବାଇଶି ପାହାଚରେ କିଛି ସମୟ ବସି ମହାପ୍ରଭୁଙ୍କୁ ସ୍ମରଣ କରିଥିଲେ। ପରେ ରାଷ୍ଟ୍ରପତିଙ୍କୁ ସିଂହଦ୍ୱାର ଠାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉପହାର ସ୍ୱରୂପ ମହାପ୍ରଭୁଙ୍କ ଶୁଖିଲି ଭୋଗ, ଖଣ୍ଡୁଆ ଏବଂ ମହାପ୍ରଭୁଙ୍କ ସୁନାବେଶର ପଟ୍ଟଚିତ୍ର ପ୍ରଦାନ କରାଯାଇଥିଲା। ପଟ୍ଟଚିତ୍ରରେ ସୁନାବେଶ ଚତୁଃପାର୍ଶ୍ୱରେ ଦଶଅବତାରଙ୍କ ଚିତ୍ର ଅଙ୍କିତ କରାଯାଇଛି। ରାଷ୍ଟ୍ରପତି ଶ୍ରୀଜୀଉମାନଙ୍କୁ ଦର୍ଶନ ସମୟରେ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ପରିଚାଳନା କମିଟି ସଦସ୍ୟ ସିଦ୍ଧେଶ୍ୱର ମହାପାତ୍ର, ମଧୁସୂଦନ ସିଂହାରୀ, ରାମ ନାରାୟଣ ଗୋଛିକାର, କୃଷ୍ଣଚନ୍ଦ୍ର ସାମନ୍ତରା, ଜଗନ୍ନାଥ ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ଶ୍ରୀମନ୍ଦିରରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ନିଜେ କିଛି ବାଟ ପାଖାପାଖି ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଦରେ ଚାଲି ଚାଲି ରାସ୍ତାର ଉଭୟ ପାର୍ଶ୍ୱରେ ଠିଆ ହୋଇଥିବା ଶ୍ରଦ୍ଧାଳୁଙ୍କୁ ହାତହଲାଇ ଅଭିବାଦନ ଗ୍ରହଣ କରିଥିଲେ ଓ ଛୋଟ ଛୋଟ ପିଲା ମାନଙ୍କୁ ଚକୋଲେଟ ବଣ୍ଟନ କରିଥିଲେ। ଏହାପରେ ରାଷ୍ଟ୍ରପତି ଲୋକଭବନରେ ପହଞ୍ଚି କିଛି ସମୟ ବିରତି ନେବା ପରେ ହେଲିପ୍ୟାଡ ଅଭିମୁଖେ ପ୍ରସ୍ଥାନ କରିଥିଲେ। ସେଠାରୁ ସ୍ୱତନ୍ତ୍ର ବିମାନ ଯୋଗେ ମୟୂରଭଞ୍ଜର ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରିଥିଲେ। ମହାମହିମ ରାଷ୍ଟ୍ରପତି ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିଥିବାରୁ ପୁରୀ ଜିଲ୍ଲା ପ୍ରଶାସନ ସହିତ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତମାନେ ବେଶ୍ ଖୁସିଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପ୍ରକାଶ କରିଥିଲେ। ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ଚତୁର୍ଥ ଥର ପାଇଁ ପୁରୀ ଗସ୍ତରେ ଆସିଥିଲେ। ପୂର୍ବରୁ ୨୦୨୨ରେ ରାଷ୍ଟ୍ରପତି ହେବା ପରେ ଶ୍ରୀମନ୍ଦିରକୁ ପ୍ରଥମ ଥର ପାଇଁ ଆସିଥିଲେ। ପରେ ୨୦୨୪ ରଥଯାତ୍ରା ଏବଂ ୨୦୨୪ ଡିସେମ୍ବର ୪ରେ ପୁରୀରେ ହୋଇଥିବା ନ୍ୟାଭି ସୋରେ ପୁରୀ ଗସ୍ତରେ ଆସିଥିଲେ।

# ପର୍ଯ୍ୟଟନ କାରାଭାନ୍ ଲୋକାର୍ପିତ, ଭ୍ୟାନରେ ଷ୍ଟାର୍ ହୋଟେଲର ମଜା

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାରେ କାରାଭାନ ପର୍ଯ୍ୟଟନର ମଜା ଉଠାଇ ପାରିବେ ପର୍ଯ୍ୟଟକ। ଓଡ଼ିଶାରେ ଆରମ୍ଭ ହୋଇଛି ଅତ୍ୟାଧୁନିକ କାରାଭାନ ଟୁରିଷ୍ଟ ସେବା ବ୍ୟବସ୍ଥା। ବସ୍ ଭିତରେ ତାରକା ହୋଟେଲର ମଜା ପାଇପାରିବେ ପର୍ଯ୍ୟଟକ। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପର୍ଯ୍ୟଟନ କାରାଭାନକୁ ଲୋକାର୍ପିତ କରିଛନ୍ତି। ଶାନ୍ତିସ୍ତୁପ ଧଉଳିଠାରେ ଏହି ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାରାଭାନ ମାଧ୍ୟମରେ ନିଜ ସ୍ୱଚ୍ଛନ୍ଦରେ ପର୍ଯ୍ୟଟକମାନେ ଭ୍ରମଣ କରିବାର ମଜା ନେଇପାରିବେ। ନିଜେ କିମ୍ବା ନିଜ ପରିବାର ଓ ବନ୍ଧୁମାନଙ୍କ ସହ ବିଭିନ୍ନ ସ୍ଥାନକୁ ଯାଇ ସେଠାକାର ଖାଦ୍ୟପେୟ, ସଂସ୍କୃତି ଏବଂ ପର୍ଯ୍ୟଟନ ସ୍ଥଳୀ ଭ୍ରମଣ କରିବାର ସୁଯୋଗ ପାଇପାରିବେ। ଏହାକୁ ଉଦ୍‌ଘାଟନ କରି ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଏହି କାରାଭାନ୍ ଟୁରିଜିମ୍ ୟୁରୋପୀୟ ଦେଶରେ ମଧ୍ୟ ଖୁବ୍ ଲୋକପ୍ରିୟ ଏବଂ ଏ କ୍ଷେତ୍ରରେ ଆମର ଅନନ୍ୟ ପ୍ରୟାସ ଯୁବ ପର୍ଯ୍ୟଟକ ଏବଂ ଦୁଃସାହସିକ ଏବଂ ପ୍ରକୃତି ଆଧାରିତ ପର୍ଯ୍ୟଟକପ୍ରେମୀଙ୍କୁ ଆକର୍ଷିତ କରିବ। ଏହି କାରାଭାନ୍ ଯାତ୍ରା ବିଶେଷ ଭାବରେ ଶାନ୍ତ, କାନ୍ତ, କମନୀୟ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନଗୁଡ଼ିକରେ ନୂତନ ଅଭିଜ୍ଞତା ଆଣିଦେବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଧାୟକ ବାବୁ ସିଂ କହିଛନ୍ତି ଯେ ଏହାଦ୍ୱାରା ପର୍ଯ୍ୟଟନ କ୍ଷେତ୍ର ପରିବ୍ୟାପ୍ତ ହେବା ସହ ସୁଖଦ ଓ ସୁରକ୍ଷିତ ଯାତ୍ରା ଲକ୍ଷ୍ୟ ହାସଲ ଦିଗରେ ସହାୟକ ହୋଇପାରିବ। ସରକାରଙ୍କ ଏହି ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରି ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର କହିଥିଲେ ଯେ ନିଜ ସ୍ୱଚ୍ଛନ୍ଦରେ ପର୍ଯ୍ୟଟକମାନେ ପର୍ବତ୍ୟାଞ୍ଚଳଠାରୁ ଆରମ୍ଭ କରି ଦୁର୍ଗମ ଗ୍ରାମାଞ୍ଚଳକୁ ପରିଭ୍ରମଣ କରିପାରିବେ। ଯାହା ପର୍ଯ୍ୟଟକମାନଙ୍କୁ ଭ୍ରମଣଭିତ୍ତିକ ଆନନ୍ଦ ପ୍ରଦାନ କରିବ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଥି ପାଇଁ ରାଜ୍ୟର ହୀରାକୁଦ, ଶିମିଳିପାଳ, ଦାରିଙ୍ଗବାଡ଼ି, ଦେଓମାଳି, ତାଳସାରି, ପେଣ୍ଠ, ମଙ୍ଗଳାଯୋଡ଼ି, ଯିରାଙ୍ଗ ଏବଂ ଅନ୍ୟାନ୍ୟ ମନୋରମ ସ୍ଥାନକୁ ଏହି କାରାଭାନ୍ ଟୁରିଜିମ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ପର୍ଯ୍ୟଟନ ବିଭାଗ ଦ୍ୱାରା ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ ଅଧୀନରେ ସ୍ୟାଣ୍ଡ ଏବଂ ପେବେଲ ଟୁରସ୍ ସଂସ୍ଥା ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି। ପ୍ରଥମେ ଏହି କାରାଭନ ବାଲେଶ୍ୱରର ତାଳସାରୀ ଯିବ। ଏହି ଅବସରରେ ଭୁବନେଶ୍ୱର ବ୍ଲକ ଅଧକ୍ଷା ନିରୂପମା ସାହୁ, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲ ନିଆଁ ରୋକିବ ଏଆଇ କ୍ୟାମେରା

ଭୁବନେଶ୍ୱର,(ଜା.ପ୍ର): ଜଙ୍ଗଲ ନିଆଁକୁ ରୋକିବ ଏଆଇ କ୍ୟାମେରା। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ଡ କେ. ମୁରୁଗେସନଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ସମ୍ମିଳନୀରେ କାର୍ତ୍ତିକ ଭି, ସିଏଫ୍‌ପି ଏଣ୍ଡ ଏସ୍‌ଏମ୍ ଉପସ୍ଥିତ ରହି ବନାଗ୍ନିର ପ୍ରଭାବ ଏବଂ ଏହାର ପ୍ରତିକାର ପାଇଁ ବିଭାଗ ଗ୍ରହଣ କରିଥିବା ବୈଷୟିକ ଓ କ୍ଷେତ୍ରସ୍ତରୀୟ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଗତ ବର୍ଷର ପରିସଂଖ୍ୟାନ ଅନୁଯାୟୀ, ଓଡ଼ିଶାରେ ପ୍ରାୟ ୨୯,୭୦୯ଟି ବନାଗ୍ନି ସ୍ଥଳ ଚିହ୍ନଟ ହୋଇଥିଲା। ଶୁଷ୍କ ପାଗ ଏବଂ ଜଙ୍ଗଲରେ ସଞ୍ଚିତ ଶୁଖିଲା ପତ୍ର ସାଙ୍ଗକୁ ମାନବଜନିତ ଅବହେଳା ଯୋଗୁଁ ଏହି ଅଘଟଣମାନ ଘଟିଥିଲା। ତଥାପି ଉପଗ୍ରହ ଆଧାରିତ ସତର୍କ ସୂଚନା ଏବଂ ବନ କର୍ମଚାରୀଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ପ୍ରାୟ ୯୯.୭ ପ୍ରତିଶତ ଘଟଣାକୁ ନିୟନ୍ତ୍ରଣ କରାଯାଇ କ୍ଷତିର ପରିମାଣକୁ ସର୍ବନିମ୍ନ କରାଯାଇଥିଲା। ଏହି ସଫଳତାକୁ ଆଧାର କରି ଚଳିତ ବର୍ଷ ରାଜ୍ୟର ସମସ୍ତ ଜିଲ୍ଲା ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ଜଙ୍ଗଲ ମଧ୍ୟରେ ନିଆଁର ବ୍ୟାପ୍ତିକୁ ରୋକିବା ପାଇଁ ପ୍ରାୟ ୨୦,୪୬୧ କିଲୋମିଟର ଦୈର୍ଘ୍ୟର ଅଗ୍ନିରୋଧକ ରେଖା ସୃଷ୍ଟି କରାଯାଇଛି। ପ୍ରାରମ୍ଭିକସ୍ତରରେ ନିଆଁକୁ ଚିହ୍ନଟ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ସଞ୍ଚାଳିତ କ୍ୟାମେରା ଏବଂ ଡ୍ରୋନ୍ ବ୍ୟବହାର କରାଯାଉଛି। ଏଥିସହିତ ବିଭିନ୍ନ ରେଞ୍ଜ ଏବଂ ବିଟ୍ ସ୍ତରରେ ୩୩୪ଟି ସ୍ୱତନ୍ତ୍ର ସୁରକ୍ଷା ଦଳ ମୁତୟନ ହୋଇଛନ୍ତି, ଯେଉଁମାନଙ୍କୁ ୫,୦୦୦ରୁ ଅଧିକ ଲିଫ୍ ବ୍ଲୋଅର୍ ଓ ଅନ୍ୟାନ୍ୟ ଅଗ୍ନି ନିର୍ବାପକ ସାମଗ୍ରୀ ଯୋଗାଇ ଦିଆଯାଇଛି। କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ୬୩୧ରୁ ଅଧିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ପ୍ରାୟ ୨୦୦ ଜଣ ଏନ୍‌ଡିଆର୍‌ଏଫ କର୍ମଚାରୀଙ୍କୁ ମଧ୍ୟ ବନାଗ୍ନି ପ୍ରତିରୋଧ ପାଇଁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି।

# ଓଡ଼ିଶା ପୁଲିସର ଅପରେସନ ଅନ୍ୱେଷଣ, ୫୪୫୧ ନିଖୋଜ ବ୍ୟକ୍ତି ଉଦ୍ଧାର

ଭୁବନେଶ୍ୱର,(ଜା.ପ୍ର): ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁନଃ ପରିବାର ସହ ମିଳନ କରାଇବାରେ ଓଡ଼ିଶା ପୁଲିସ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଗତ ୨୧.୦୧.୨୦୨୬ ରୁ ୩୦.୦୧.୨୦୨୬ ପର୍ଯ୍ୟନ୍ତ ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟବ୍ୟାପୀ 'ଅପରେସନ୍ ଅନ୍ୱେଷଣ-୨' ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ରେକର୍ଡ ସଂଖ୍ୟକ ୫୪୫୧ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସେଥିମଧ୍ୟରେ ୭୭ ଜଣ ନାବାଳକ, ୭୦୯ ଜଣ ନାବାଳିକା ଓ ୪୬୬୫ ଜଣ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି। ପୁରୀ ଜିଲ୍ଲା ପୁଲିସ ସର୍ବାଧିକ ୬୧୩ ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିବା ବେଳେ କଟକ ଜିଲ୍ଲା ପୁଲିସ ୫୦୧, ଭଦ୍ରକ ଜିଲ୍ଲା ପୁଲିସ ୪୨୯ ଜଣ ଉଦ୍ଧାର କରିଛନ୍ତି। ସେହିପରି ଗଞ୍ଜାମ ୪୧୩ ଜଣ, କେନ୍ଦ୍ରାପଡ଼ା ୩୪୬ ଜଣ, ଯାଜପୁର ୨୭୧ ଜଣ, ବରଗଡ଼ ୨୩୬ ଜଣ, ଅନୁଗୁଳ ୨୧୦ ଜଣ, ଢେଙ୍କାନାଳ ୨୦୬ ଜଣ, ଜଗତସିଂପୁର ୧୭୭ ଜଣ, ନୂଆପଡ଼ା ୧୭୩ ଜଣ, ବ୍ରହ୍ମପୁର ୧୭୦ ଜଣ, କେନ୍ଦୁଝର ୧୬୧ ଜଣ, ସୁନ୍ଦରଗଡ ୧୩୫ ଜଣ, କଟକ ସହରାଞ୍ଚଳ ୧୩୪, କଳାହାଣ୍ଡି ୧୩୩ ଜଣ, ନୟାଗଡ଼ ୧୨୭ ଜଣ, ବାଲେଶ୍ୱର ୧୨୫ ଜଣ, ମୟୂରଭଞ୍ଜ ୧୧୯ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

ଜାତୀୟ ଚେତନା
JATIYA CHETANA





# ସଉତୁଣୀ

**ସୁନନ୍ଦା ମହାନ୍ତି**

ସ୍କୁଲ ଜୀବନରୁ ଦୁଇସାଙ୍ଗ ରୁନୁ ଓ ମୁନୁ ଖୁବ ସାଙ୍ଗ। ଓଡ଼ିଆ କି ଇଂରାଜୀ ଅବା ହିନ୍ଦିରେ ପ୍ରିୟ ସାଙ୍ଗ ବିଷୟରେ ରଚନା ଲେଖିବାକୁ କହିଲେ ରୁନୁ, ମୁନୁ କଥା ଲେଖିଥାଏ ଓ ମୁନୁ, ରୁନୁ କଥା। ଯାହା ତ ଉଭୟ ଉଭୟଙ୍କ ଭଲ ଗୁଣ ସବୁ ବର୍ଣ୍ଣନା କରିବାକୁ ଯାଇ ଲେଖିଥାନ୍ତି ସମାନ ସମାନ କଥା ଅନ୍ୟ ପିଲାମାନଙ୍କ ପରି। ଏହି କି ଯେ ମୋ ପ୍ରିୟ ସାଙ୍ଗ ଖୁବ ଉପକାରୀ, ସେବା, ସମ୍ପର୍କ, ସହାନୁଭୂତି,ସୌହାର୍ଦ୍ଦ୍ୟ ତଥା ସୁନ୍ଦର ପଣରେ ମୋ ପ୍ରିୟ ସାଙ୍ଗକୁ କେହି ଟପିବେନି ଇତ୍ୟାଦି ଇତ୍ୟାଦି। ସମୟକ୍ରମେ କିନ୍ତୁ ନବମ ଶ୍ରେଣୀରେ ସେହି ରଚନାକୁ ଆଉ ଟିକେ ରଙ୍ଗ, ରୂପ, ସାଜ ଦେଇ ଅଧିକା କଥା ଲେଖିବାକୁ ଯାଇ ମୁନୁ ଲେଖିଦେଇଥିଲା ଯେ ରୁନୁ ଓ ସେ ବିବାହ କଲା ପରେ ଦୁହେଁ ସମୁଦୁଣୀ ହେବେ। ଏସବୁ ପଢ଼ି ସାର୍ ହସିଲେ, କମନ ରୁମ୍ ହସରେ ଫାଟିଲା ଆଉ ଅନ୍ୟ ସାଙ୍ଗମାନେ ଥଟ୍ଟା ତାମସା କରି ମୁନୁ ମୁହଁ ଲାଲ କରିପକେଇଲେ। କିଏ କହିଲା ତୁମ ଦୁଇଜଣଙ୍କର ଯଦି ପୁଅ ହୁଏ ବା ଝିଅ ହୁଏ ତେବେ କେମିତି ସମୁଦୁଣୀ ହେବ! ପୁଣି କିଏ ବୁଝେଇ ଦେଉଥିଲା- ହଁ ଦ୍ୱିତୀୟ ସନ୍ତାନ କ'ଣ ହେଉଛି ଦେଖି ଦୁହେଁ ସମୁଦୁଣୀ ହୋଇପାରିବ ତ ଆଉ କିଏ କହୁଥିଲା ପୁଅ ଝିଅ ଯଦି ଅନ୍ୟ କାହାକୁ ଭଲ ପାଇଲେ ତେବେ ତୁମେ ଦୁହେଁ ସମୁଦୁଣୀ ହେବ କିପରି! ମୁନୁ ଏଥର ଚିଡ଼ି ଉଠି କହିଥିଲା ଲେଖୁ ଲେଖୁ ଲେଖିଦେଲି ବୋଲି ସତ ହେବ ବୋଲି କ'ଣ କିଛି ମାନେ ଅଛି! ତଥାପି ସାଙ୍ଗମାନେ ଚିଡ଼ାଇ ଚିଡ଼ାଇ ନାକେଦମ୍ କରୁଥିଲେ ମୁନୁ କୁ ଯେ କଲମ ପରା ଚଳନ୍ତି ଭଗବାନ। କଲମ ତଥା ପେନ୍ ସବୁ ଲେଖନୀର ନୂଆ ରୂପ। ସେ ଯାହା ଲେଖେ ତାହା ସମ୍ପୂର୍ଣ୍ଣ ସତ। ନହେଲେ ମଧ୍ୟ କିଛି ସତ ହୋଇଯାଏ ତ ଏଥର ରୁନୁ ମୁହଁ ଖୋଲିଥିଲା ଓ କହିଥିଲା ସତ ହେଲେ ଭଲ। ଖୁବ୍ ଭଲ। ସେତିକି ବେଳକୁ ପିଲାଙ୍କ ଏ ଗହଳି ଦେଖି ସାହିତ୍ୟ ସାର ବାଡ଼ିଟିକୁ ଟେବୁଲ ଉପରେ ଏମିତି ବାଡ଼େଇଲେ ଯେ ସେହି ଶବ୍ଦର ଭୟରେ ସମସ୍ତେ ଚୁପ୍‌ଚାପ୍ ହୋଇଗଲେ।

ଆଜି କିନ୍ତୁ ମୁନୁ ଅସହାୟ। ରୁନୁ ତାର ସଉତୁଣୀ ହେବାକୁ ଯାଉଛି। ତା' କୋଳରେ ପିଲା ବକଟେ ନହେବାରୁ ସ୍ୱାମୀ ତାର ଦ୍ୱିତୀୟ ବିବାହ କରିବେ ରୁନୁକୁ। ମୁନୁ ମାଟ୍ରିକ ପାସ କରୁ କରୁ ଗାଁ ପୁଅ ବିନୋଦକୁ ବିବାହ କରିଥିଲା। ବିବାହର ପାଞ୍ଚ ବର୍ଷ ଯାଏଁ ପିଲା ନହେବାରୁ ଶାଶୂଙ୍କ ନିଷ୍ପତ୍ତିରେ ବିନୋଦ ସେଇ ଗାଁର ବିଏ ପାଶ କରିଥିବା ପାଠୋଇ ଝିଅ ରୁନୁକୁ ବିବାହ କରିବାକୁ ଯାଉଛନ୍ତି। ସବୁ ଜାଣିଶୁଣି ରୁନୁ କେମିତି ରାଜି ହେଲା ବୋଲି ଭାବୁଥିଲା ମୁନୁ! ମୁନୁ କିନ୍ତୁ କପାଳ ଲିଖନ କେ କରିବ ଆନ ନ୍ୟାୟରେ ତୁନି ପଡ଼ିଥିଲା। ରୁନୁ ଖାଲି ବୋହୁ ହୋଇ ଆସିଲାନି ବରଂ ମାଆ ବନିଗଲା ବର୍ଷକରେ। ଝିଅର ମାଆ। ମୁନୁ ଜୀବନର ଏତେ ଦୁଃଖ ଭିତରେ ରୁନୁ ଯେମିତି ସବୁ ସୁଖ ନେଇ ଆସିଥିଲା। ହେଲେ ଭାଗ୍ୟରେ ଅଲଗା କିଛି ଲେଖାଥିଲା ବୋଧହୁଏ। ସେଇ ରଚନା କଥା ଭାବି ମୁନୁ ଚିନ୍ତା କରୁଥିଲା- ସତକଥା ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତାର ପ୍ରତିବାଦୀ! ଅଳ୍ପ ଦିନ ଭିତରେ କିନ୍ତୁ ମୁନୁ ଆଖିର ତତଲା ଲୁହ ନିଶ୍ୱାସରେ କି ଗ୍ରହ କୋପରେ କେଜାଣି ରୁନୁ କୋଳରେ ଝିଅ ଆସିବା ପରେ ପରେ ସ୍ୱାମୀ ବିନୋଦ ଚାଲିଗଲେ ସେଇ ଅଫେରା ବାଟକୁ। ଆଉ ତାଙ୍କ ଚାକିରୀ ପାଇଲା ମୁନୁ। ମାଟ୍ରିକ ପାଶ କରିଥିବା ଝିଅ ମୁନୁ ଏବେ ଚାକିରୀ ପାଇ ମଧ୍ୟ ରୁନୁର ଝିଅକୁ ନିଜ ପ୍ରାଣଠାରୁ ଅଧିକା ଭଲ ପାଉଥିଲା। ଝିଅ ବଡ଼ ହୋଇ କଲେଜ ଗଲାଣି। ଶାଶୂଶ୍ୱଶୁର କେବେଠାରୁ ସେପୁରରେ। ମୁନୁ ଓ ରୁନୁ ସାଙ୍ଗ ଥିଲେ, ସାଙ୍ଗରୁ ସଉତୁଣୀ ହେଉ ହେଉ ଏବେ ଗୋଟେ ବଢ଼ିଲା ଝିଅର ମାଆ ଦୁହେଁ। ସେହି ଝିଅ ଏବେ ବିବାହ ଉପଯୋଗୀ। ଯେତେ ପ୍ରସ୍ତାବ ଦୁଇ ମାଆ ଆଣୁଥିଲେ ଝିଅ ଲିପି ସେସବୁ ପ୍ରସ୍ତାବକୁ ନାପସନ୍ଦ କରି ଦେଉଥିଲା।

ରୁନୁର ବାପା, ଲିପିର ଅଜା ଲକ୍ଷ୍ୟ କରୁଥିଲେ ବୟସ ବଢ଼ିବା ସହ ଲିପି ପଢ଼ାଘର ଟେବୁଲରେ ବହିପତ୍ର ଓ ବହିପାତ୍ର ରହିବା ସ୍ଥାନ ଓ ଥାକ ବଢ଼ିଛି। ଶିଶୁ ଗଳ୍ପ ଉପନ୍ୟାସ ପରିବର୍ତ୍ତେ ଯାଜ୍ଞସେନୀ ଓ ଅନ୍ୟାନ୍ୟ ଗଳ୍ପ ଯଥା ଫକୀର ମୋହନ ସେନାପତିଙ୍କର ମାମୁଁ, ଲଛମା, ରେବତୀ, ଛଅ ମାଣ ଆଠଗୁଣ୍ଠ ଇତ୍ୟାଦି ଗଳ୍ପ ସହିତ କାହ୍ନୁଚରଣଙ୍କ କା, ମାଟିର ମଣିଷ ସହିତ ଅମାବାସ୍ୟାର ଜହ୍ନ ଓ ବିଭୂତି ପଟ୍ଟନାୟକଙ୍କ ଅନେକ ଉପନ୍ୟାସ ଥିଲା। ଏଥିରେ ଅଜା ଖୁସି ହେବା ସ୍ୱାଭାବିକ। ତା' ସହିତ ଲିପିର ସଦ୍ୟ ପ୍ରକାଶିତ ପ୍ରେମ ପତଞ୍ଜଳି ବହି ଉନ୍ମୋଚନ ଇତ୍ୟାଦି ଦେଖି ଅଜାଙ୍କ ମନରେ ଘୋର ସନ୍ଦେହ ତେବେ ଲିପି ବାହା ହେବାକୁ ରାଜି ନୁହଁ କାହିଁକି? ଏଇ କାହିଁକି ଉତ୍ତର ପାଇବାକୁ ସେଦିନ ଲିପି ରୁମ୍‌କୁ ପଶିଗଲେ ଅଜା। ଅଜା କିଛି ପଚାରିବା ପୂର୍ବରୁ ଲିପି କିନ୍ତୁ ଅଜାଙ୍କୁ ପଚାରୁଥିଲା ଅନ୍ୟ କିଛି। ପଚାରୁଥିଲା ଜଣେ ମହିଳା ଲେଖିକା ବା ଗାଳ୍ପିକା ବା କବୀ ଜଣେ ନାରୀ ମନର ଅବ୍ୟକ୍ତ ଭାଷା ଲେଖିବା ସହଜ କିନ୍ତୁ ଜଣେ ପୁରୁଷ ନାରୀ ମନର ଗହନ କଥା ଲେଖେ କେମିତି ଅଜା। ଅଜା କହିଲେ ଏସବୁ ତ ଖୁବ ସହଜ। ଯେତେ ବହି ପଢ଼ିବ ସେତେ ଜ୍ଞାନ ବଢ଼ିବ। ସେ ଜ୍ଞାନ ସାଂସାରିକ ପ୍ରେମ ହେଉ ବା ଐଶ୍ୱରିକ ପ୍ରେମ ହେଉ ଅବା ପ୍ରକୃତି ପ୍ରେମ। ହସିଦେଲା ଲିପି ତ ଅଜା ସାହାସ ପାଇ ପଚାରୁଥିଲେ ଏତେ କଥା ବୁଝୁଛୁ ମାଆ ହେଲେ ବିବାହ ଯେ ଜୀବନର ଏକମାତ୍ର ପନ୍ଥା ଆଗକୁ ବଢ଼ିବାକୁ। ଏ କଥା ଭୁଲିଗଲେ କେମିତି ହେବ ଝିଅ! ଲିପି ଖୁବ୍ ସୁନ୍ଦର ଭାବେ ଉତ୍ତର ଦେଇଥିଲା ତୁମେ ମୋ ପିଲାଦିନେ ମତେ ପାଖରୁ ନଛାଡ଼ିବାକୁ କେତେ ଚଣ୍ଡୀ ମାଆଙ୍କୁ ଡାକିଛ ଅଜା! ଆଉ ଏବେ ତୁମ ବାର୍ଦ୍ଧକ୍ୟ ବେଳେ ତୁମକୁ ଛାଡ଼ି ମୁଁ ଶାଶୂଘର ଯିବି କେମିତି! ତା' ଛଡ଼ା କେମିତି ଜାଣିବି ମୋ ସ୍ୱାମୀ କେମିତି ହୋଇଥିବ! ଅଜା କିଛି କିଛି ବୁଝିଗଲେ ବି କିଛି ତ ଅବୁଝା ରହିଲା।

କ'ଣ ଚାହେଁ ଲିପି? ଅଜା ଭାବୁଥିଲେ, ସତକଥା ପିଲାଦିନେ ଲିପି ସପ୍ତମ ଶ୍ରେଣୀରେ ଏନ୍‌ଟିଆର୍‌ଏସ୍ ପାଇଲେ ସହରକୁ ଚାଲିଯିବ। ତାଙ୍କୁ ଛାଡ଼ିଯିବ ବୋଲି ମାଆ ଦୁହେଁ କେତେ ଦିଅଁ ଦେବତା କରୁଥିଲା ବେଳେ ଓ ଲିପି ରାତି ରାତି ଅନିଦ୍ରା ହୋଇ ପାଠ ପଢୁଥିଲା। ଅଜା ହୋଇ ସେ ଚଣ୍ଡିମା'ଙ୍କୁ ଗୁହାରୀ କରୁଥିଲେ ନ ପାଉ ଏନ୍‌ଟିଆର୍‌ଏସ୍ ବୃତ୍ତି ପଛେ ଲିପି ଘର ଛାଡ଼ି ତାଙ୍କୁ ଛାଡ଼ି କୁଆଡ଼େ ନ ଯାଉ। ଆଉ ଆଜି ସେହି ଲିପିର ବାହାଘର ହୋଇଯାଇ ସେ ଶାଶୂଘରକୁ ଯାଉ ବୋଲି କେମିତି ଭାବୁଛନ୍ତି ସେ ଅଜା ହୋଇ। ସବୁ ଦୋଷ ସେଇ ଭାଗ୍ୟର କହି ରକ୍ତ ଚାଉଳ ଚୋବାଉଥିଲେ ଅଜା ଲିପିର ଆଈ ଉପରେ। ଆଈ ଯେବେ କହେ ମୋ ଲିପିକୁ ବାହା ହେବ ଏମିତି ପୁଅ କିଏ କୋଉଠି କାହିଁ ମ। ଆଈ ମାଆଙ୍କ ଏହି କଥା ଶୁଣି ଲିପି ଆଉ ମନମୋଟିଆ ହୋଇଯାଉନି ତ! ବୁଢ଼ୀକୁ ଦୋଷ ଦେବାରୁ ସେ ମଧ୍ୟ ଅନେକ ଫୁସୁଲେଇ କହିଲାଣି ନାତୁଣୀ ଲିପିକୁ। ଆମେ ବୁଢ଼ାବୁଢ଼ୀ ଦି'ଟା ଆଉ କେତେଦିନ ଲିପି! ମରିବା ପୂର୍ବରୁ ତୋ ବାହାଘର ଦେଖି ନ ଗଲେ ଭୂତ ହେବୁ ସିନା। ଏଥର ଲିପି ଅଜାଙ୍କୁ ସାଙ୍ଗରେ ରଖି ଆସିଥିବା ପୁଅ ସହ ଏକାନ୍ତରେ କଥୋପକଥନ ବେଳେ ପଚାରିଥିଲା ଆପଣ ପ୍ରତିଦିନ ଶୋଇବାକୁ ଯିବା ପୂର୍ବରୁ କ'ଣ କରନ୍ତି? ପୁଅଟି ଟିକେ ଚିନ୍ତା କରି କହିଥିଲା ବହି ପଢ଼େ। ବାହାଘର ପରେ କ'ଣ କରିବେ? ଏଥର ପୁଅଟି ଟିକେ ହଡ଼ବଡ଼େଇ କହିଥିଲା, ଅଭ୍ୟାସ ବଦଳେଇବାକୁ ସମୟ ଲାଗିବ। ସେଥିରେ ମୋତେ ତୁମର ସାହାଯ୍ୟ ଓ ସହଯୋଗ ଆବଶ୍ୟକ। ମାନେ କ'ଣ କରିବାକୁ ହେବ ମୋତେ, ପଚାରିଥିଲା ଲିପି। ତ ପୁଅଟି କହିଥିଲା- ମୋ ବହି ପଢ଼ିବା ପରେ ଶୋଇବା ଅଭ୍ୟାସକୁ ସହିବାକୁ ପଡ଼ିବ ତୁମକୁ। ସେଇଠି ହିଁ ବାହା ହେବାକୁ ରାଜି ହୋଇଗଲା ଲିପି। ବିଦାୟ ବେଳେ ଅଜା ଯେବେ ପଚାରିଲେ ଏତେ ଏତେ ପ୍ରସ୍ତାବ ଭାଙ୍ଗିଦେଉଥିଲା ବେଳେ ଏ ପୁଅଠି କଣ ଦେଖିଲୁ ମାଆ! କାନ୍ଦୁ କାନ୍ଦୁ ହସି ହସି ଲିପି କହୁଥିଲା- ସଉତୁଣୀ ଭୟ ନାହିଁ ଅଜା। କାରଣ ବହି ତାଙ୍କ ପ୍ରଥମ ପ୍ରେମ ଓ ପ୍ରେମିକା। ଅଜା ଓ ଆଈ ସ୍ତବ୍ଧ ହୋଇ ଠିଆ ହୋଇଥିଲା ବେଳେ ଲିପିର ବିଦାୟୀ ଗାଡ଼ି ଆଗକୁ ଗଡୁଥିଲା। ମୁନୁ ରୁନୁ, ଦୁଇ ମାଆ ଦୁହେଁ ଦୁହିଁଙ୍କୁ ଜାବୁଡ଼ି କାନ୍ଦୁଥିଲେ। କହିବା ବାହୁଲ୍ୟ ପୁଅଟି ମୁନୁର ପୁତୁରା ଥିଲା ତ ସାଙ୍ଗରୁ ସଉତୁଣୀ ଓ ସଉତୁଣୀରୁ ଏକରକମ ସମୁଦୁଣୀ ହୋଇଯାଇଥିଲେ ମୁନୁ ଓ ରୁନୁ।

*ସାକ୍ଷୀଗୋପାଳ, ପୁରୀ*

*ଶୂନ୍ୟଭାଷ: ୯୦୪୦୯୭୭୩୨୭*

# ଜାଗ୍ରତ ଜୀବନ

ଉଠରେ ପଥିକ ମେଲି ନୟନ,
ଦେଖରେ ସଂସାର ରଙ୍ଗ ସମୟ
ସ୍ରୋତରେ ଭାସିଯାଉଅଛି,
କାହିଁ ତୋ ଜୀବନ ଅଙ୍ଗ?
ସୂର୍ଯ୍ୟ ଉଇଁଲାଣି ପୂରବ ଆକାଶେ,
ଚଢ଼େଇ କଲେଣି ଗାନ ଆଳସ୍ୟ ତେଜିଣ
କର୍ମ ପଥେ ଧାଅ,
ହେଉ ତୁମ ଜୟଗାନ।
ନୁହେଁ ଏ ଜୀବନ କେବଳ ସପନ,
ନୁହେଁ ଏ ମାୟାର ଖେଳ ଯେବେ ଯାଏ
ସମୟ ହାତରୁ ବାହାରି,
ଆସେ ନାହିଁ ସେହି ବେଳ।
ଇଟା ପଥରର ପ୍ରାସାଦ ଗଢ଼ିଣ, କାହିଁ
ପାଉଅଛ ସୁଖ ଅନ୍ୟର ଦୁଃଖରେ ବୁନ୍ଦାଏ
ନ ଝରି, କେମିତି ହସୁଛି ମୁଖ?
ଦେଖରେ ଚାହିଁ ସେ କ୍ଷେତର ଶ୍ରମିକ,
ଝାଳରେ ସେ ଜୁଡୁବୁଡୁ ତାରି ସାଧନାରେ
ପୃଥିବୀ ହସୁଛି,
ଧନ୍ୟ ତାହାରି ମାଡୁ।
ଜ୍ଞାନୀ ଗୁଣୀ ଜନେ ଶିଖାଇ ଅଛନ୍ତି,
ସେବା ହିଁ ପରମ ଧର୍ମ ସ୍ୱାର୍ଥକୁ ତେଜିଣ
ପର ପାଇଁ ବଞ୍ଚି,
କର ହେ ଶୁଭ କର୍ମ।
ସମୁଦ୍ରର ଢେଉ ପରି ଏ ଜୀବନ,
ଉଠେ ପୁଣି ପଡ଼େ ତଳେ ବିପଦ
ଦେଖିଣ ଯେ ଜଣ ଡରିଯାଏ,
ସେ କି ଜିତିବ ଜଳେ?
ବାଧା ପର୍ବତକୁ ଶକ୍ତି କରି ନିଅ,
ଝଡ଼କୁ କର ହେ ସାଥୀ ତୁମରି ସଂକଳ୍ପ
ଆଗେ ହାରିଯିବ,
ଅନ୍ଧାର କାଳିମା ରାତି।
ଭାଷା ଓ ଜାତିର ମୋହ ରଖି ଚିତ୍ତେ,
ଗଢ଼ ହେ ନୂତନ ଦେଶ ମଣିଷ ପଣିଆ
ଶୀର୍ଷେ ରହିଥାଉ,
ତୁଟୁ ସବୁ ଦ୍ୱେଷ କ୍ଳେଶ।
ମୃତ୍ୟୁ ତ ଦିନେ ଆସିବ ନିଶ୍ଚୟ,
ଶୋଇବୁ ମାଟିର ଶେଯେ କିଛି ଏମିତି
କର ଏ ଜଗତେ,
ନାମ ରହିବ ସହଜେ।
କଲମ ଚଳାଅ ସତ୍ୟ ପଥେ ରହି,
ଜାଳ ହେ ଜ୍ଞାନର ଦୀପ ସାହିତ୍ୟ
ସାଗରେ ବୁଡ଼ ମାରି ଆଣ,
ଶୁଦ୍ଧ ଚେତନା ରୂପ।

**ସତ୍ୟନାରାୟଣ ମହାପାତ୍ର**
ଜୟଦେବ ବିହାର, ଭୁବନେଶ୍ୱର

# ସ୍ମୃତିର ସହର

ସହରର ଭିଡ଼େ ନିଶ୍ୱାସ ରୁନ୍ଧି ହୁଏ
ଖୋଜେ ମୁଁ ସେଇ ମାଟିର ଘର,
ଯେଉଁଠି ପାହାନ୍ତି ଆଲୁଅରେ ଶୁଭେ
ପକ୍ଷୀଙ୍କ ମିଠା କଳରବ ସ୍ୱର।
ଇଟା ପଥରର ପ୍ରାସାଦ ଘେରରେ
ହଜିଯାଏ ସବୁ ଆତ୍ମୀୟତା,
ମନେପଡ଼େ ସେଇ ଗାଁ ବରଗଛ
ଆଉ ଜେଜେମା'ର ପୁରୁଣା କଥା।
ଟଙ୍କା ପଛରେ ଧାଉଁ ଧାଉଁ ଆଜି ନିଜକୁ
ଦେଇଛି ହଜାଇ,
ସ୍ମୃତିର ସେଇ ସୁନେଲି ଦିନକୁ ଆଣିବ କି
କେହି ସଜାଇ?

**ଅରବିନ୍ଦ ଦାସ**
ସହିଦ ନଗର, ଭୁବନେଶ୍ୱର



# ପ୍ରତିବିମ୍ବ

ସହରର ଜଣେ ନାମୀ ପ୍ରତିଷ୍ଠିତ ବ୍ୟକ୍ତି ନିଜ ଘରର ଅଗଣାରେ ଏକ ବିରାଟ ଆଇନା ଲଗାଇଥିଲେ। ସେଥିରେ ନିଜର ଚେହେରା ଦେଖି ସେ ସବୁବେଳେ ଗର୍ବ କରୁଥିଲେ। ଦିନେ ଜଣେ ଭିକାରୀ ସେହି ବାଟ ଦେଇ ଯାଉଥିବା ବେଳେ ଆଇନାରେ ନିଜ ପ୍ରତିବିମ୍ବ ଦେଖି ସାମାନ୍ୟ ହସିଦେଲା। ବାବୁ ଜଣକ ଚିଡ଼ିଯାଇ କହିଲେ, 'କିରେ କାଙ୍ଗାଳ! ତୋର ଏତେ ବଡ଼ ସାହସ, ତୁ ମୋର ଏହି ଦାମୀ ଆଇନାରେ ନିଜର ଅସନା ରୂପ ଦେଖୁଛୁ? ଏଇଟା କେବଳ ସୁନ୍ଦର ଓ ବଡ଼ ଲୋକଙ୍କ ପାଇଁ।'

ଭିକାରୀଟି ନମ୍ରତାର ସହ ଉତ୍ତର ଦେଲା, 'ଆଜ୍ଞା, କ୍ଷମା କରିବେ। ମୁଁ ମୋ ଚେହେରା ଦେଖି ହସୁ ନଥିଲି, ବରଂ ଏଇଥିପାଇଁ ହସୁଥିଲି ଯେ, ଏଇ ଆଇନାଟି କେତେ ନିରପେକ୍ଷ! ଏହା ମୋ ଭଳି ଜଣେ ଗରିବର ଲୁହକୁ ଯେମିତି ଦେଖାଉଛି, ଆପଣଙ୍କ ଭଳି ଧନୀ ବ୍ୟକ୍ତିଙ୍କ ଅହଂକାରକୁ ବି ସେମିତି ପ୍ରତିଫଳିତ କରୁଛି। ଆଇନା କେବେ ମଣିଷର ପଦବୀ କିମ୍ବା ପଇସା ଦେଖେ ନାହିଁ, ସେ କେବଳ ବାସ୍ତବତା ଦେଖାଏ।'

ଏହା ଶୁଣି ବାବୁଙ୍କ ମୁଣ୍ଡ ତଳକୁ ହୋଇଗଲା। ସେ ବୁଝିଗଲେ ଯେ, ଶରୀର ଓ ସମ୍ପତ୍ତି ଯେତେ ବଡ଼ ହେଲେ ବି, ଆତ୍ମା ଯଦି ଶୁଦ୍ଧ ନୁହେଁ, ତେବେ ସବୁକିଛି ମୂଲ୍ୟହୀନ। ଆଇନାଟି ସେମିତି ଚକ୍‌ଚକ୍ କରୁଥିଲା, କିନ୍ତୁ ବାବୁଙ୍କ ମନ ଭିତରର ଅହଂକାରର କଳଙ୍କ ଧୀରେ ଧୀରେ ଧୋଇ ହୋଇଯାଉଥିଲା।

***ସତ୍ୟଜିତ୍ ରାୟ***
ବାଦାମବାଡ଼ି, କଟକ

ଜାତୀୟ ଚେତନା
JATIYA CHETANA



# ‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା’ର ଶୁଭାରମ୍ଭ



ଭୁବନେଶ୍ୱର,(ଜା.ପ୍ର): ମା’ତାରା ତାରିଣୀଙ୍କ ପୀଠରୁ ଶୁଭାରମ୍ଭ ହୋଇଛି ‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା’। ଏହି ଯୋଜନାରେ ଯୋଗ୍ୟ କନ୍ୟାଙ୍କୁ ୬୦ ହଜାର ଟଙ୍କାର ସହାୟତା ମିଳିବ। କନ୍ୟାର ବ୍ୟାଙ୍କ୍ ଆକାଉଣ୍ଟକୁ ସିଧାସଳଖ ୪୫ ହଜାର ଟଙ୍କା ଯିବା ସହିତ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯିବ। ଯୋଗ୍ୟ ଦମ୍ପତ୍ତିଙ୍କୁ ଜିଲ୍ଲା,ବ୍ଲକ୍ ସ୍ତରରୁ ଚୟନ କରାଯାଇଛି। ଏହି ଅବସରରେ ୨୦୧ ଦମ୍ପତ୍ତିଙ୍କ ସାମୁହିକ ବିବାହ ସମ୍ପନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କନ୍ୟାଦାନ କରିବା ସହ ଓଡ଼ିଆ ରୀତିନୀତି ଅନୁଯାୟୀ କର୍ତ୍ତା ଭାବେ ବିବାହ ମଣ୍ଡପରେ ବସି ହୋମକୁଣ୍ଡରେ ଆହୁତି ପ୍ରଦାନ କରିଛନ୍ତି। ମା’ଙ୍କ ନିକଟରେ ନବ ଦମ୍ପତ୍ତି ଏବଂ ଓଡ଼ିଶାବାସୀଙ୍କ ସୁଖମୟ ଜୀବନ କାମନା କରି ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ଭଗବାନଙ୍କ ଆଶୀର୍ବାଦ ବୋଲି ସେ ମତ ପ୍ରକାଶ କରିଛନ୍ତି।

‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା’ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସାଧାରଣ ଜନମଙ୍ଗଳକାରୀ ଯୋଜନା ନୁହେଁ, ଏହା ସାମାଜିକ ସୁରକ୍ଷାକୁ ମଜବୁତ୍ କରିବା ପାଇଁ ରାଜ୍ୟ ସରକାରଙ୍କର ଏକ ଅଭିନବ ପ୍ରୟାସ। ଆମର ଲକ୍ଷ୍ୟ ହେଉଛି ଏପରି ଏକ ଓଡିଶା ଗଢିବା ଯେଉଁଠି କୌଣସି କନ୍ୟା ଆର୍ଥିକ ଦୁର୍ବଳତା କିମ୍ବା ସାମାଜିକ ଚାପ ହେତୁ ବିବାହର ପ୍ରାପ୍ତ ବୟସ ପୂର୍ବରୁ ବିବାହ କରିବାକୁ ବାଧ ହେବେ ନାହିଁ। ଆହୁରି ମଧ ଏହି ଯୋଜନା ସମାଜକୁ ଏକ ନୂତନ ବାର୍ତ୍ତା ଦେବ ଯେ, ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ହେଉଛନ୍ତି ଭଗବାନଙ୍କ ଆଶୀର୍ବାଦ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ପ୍ରସିଦ୍ଧ ମା ତାରାତାରିଣୀଙ୍କ ଆଦିଶକ୍ତିପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନା ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରଙ୍କ ଉପରେ ବିବାହର ଆର୍ଥିକ ଭାର ଲାଘବ କରିବା ସହିତ ମହିଳାଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ବିଧବା ପୁନଃ ବିବାହକୁ ଉତ୍ସାହିତ କରିବା, ଯୌତୁକ ପ୍ରଥାକୁ ନିବାରଣ କରିବା ଦିଗରେ ବହୁ ପରିମାଣରେ ସହାୟତା ପ୍ରଦାନ କରିବ। ୨୦୨୫-୨୬ ରୁ ୨୦୨୯-୩୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଏହା କାର୍ଯ୍ୟକାରୀ କରାଯିବ ଏବଂ ଏଥିପାଇଁ ବଜେଟରେ ୫୯ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନବ ଦମ୍ପତ୍ତିଙ୍କୁ ସ୍ନେହ ଭରା ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ଏହି ମହତ୍ୱାକାଂକ୍ଷୀ ସରକାରୀ ଯୋଜନା ହେଉଛି ମୁଖ୍ୟମନ୍ତ୍ରୀଙ୍କ ମାନସ ପ୍ରସ୍ତୁତ ଯୋଜନା । ପୂର୍ବରୁ ଆମେ କଥା ଦେଇଥିଲୁ ସୁଭଦ୍ରା ମା ମାନଙ୍କ ସାଥିରେ ସବୁଦିନ ରହିବୁ। ସେହି କଥାକୁ ଆଉ ଦି ପାଦ ଆଗକୁ ନେଇ କନ୍ୟା ବିବାହ ଦାୟିତ୍ୱ ସମ୍ପନ୍ନ କରୁଛୁ। ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହଛନ୍ତି ଯେ, ରାଜ୍ୟ ସରକାରଙ୍କ ଏହା ଏକ ମହତ ଜନମଙ୍ଗଳକାରୀ ଯୋଜନା। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ, ନାରୀ ମାନଙ୍କୁ ସମ୍ମାନ ଦେବାରେ ଆମ ସରକାର କେବେ ବି ଅବହେଳା କରିନାହିଁ। କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ପ୍ରମୁଖ ଉପସ୍ଥିତ ରହି ନବ ଦମ୍ପତ୍ତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

# ବର୍ଜ୍ୟରୁ ସମ୍ପଦ: ସହରାଞ୍ଚଳ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବ ଓଡ଼ିଶା



ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ଓଡ଼ିଶା ଅର୍ବାନ୍ ଏକାଡେମୀଠାରେ ଫେକାଲ୍ ସ୍ଲଜ୍ ଏବଂ ସେପ୍ଟେଜ୍ ପରିଚାଳନା ଉପରେ ଏକ ଶିକ୍ଷଣ ଭିତ୍ତିକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟର ସହରାଞ୍ଚଳ ପରିମଳ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ତ୍ରିପାକ୍ଷିକ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଟିଏସ୍‌ୟୁ-ଏଫ୍‌ଏସ୍‌ଏସ୍‌ଏମ୍ ଏବଂ ‘ଦସ୍ରା’ ର ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ବରିଷ୍ଠ ପଦାଧିକାରୀ, କ୍ଷେତ୍ର ବିଶେଷଜ୍ଞ ଏବଂ ପ୍ରମୁଖ ସହଯୋଗୀମାନେ ଯୋଗ ଦେଇ ଓଡ଼ିଶାର ଅଗ୍ରଣୀ ପରିମଳ ପଦକ୍ଷେପଗୁଡ଼ିକୁ ଆହୁରି ଆଗକୁ ନେବା ପାଇଁ ଆଲୋଚନା କରିଥିଲେ। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀଙ୍କ ଉପସ୍ଥିତିରେ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ୱାଟକୋ, ଏଏସ୍‌ସିଆଇ ଏବଂ ଟିଆଇଡିଇ ମଧ୍ୟରେ ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ, ବାସୁଆଘାଇ ଫେକାଲ୍ ସ୍ଲଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଠାରେ ଏକ ଅତ୍ୟାଧୁନିକ ‘ପାଇରୋଲିସିସ୍ ୟୁନିଟ୍’ ପ୍ରତିଷ୍ଠା କରାଯିବ। ପରିମଳ କ୍ଷେତ୍ରରେ ବର୍ଜ୍ୟବସ୍ତୁରୁ ସମ୍ପଦ ସୃଷ୍ଟି ଏବଂ ‘ଗତିଶୀଳ ଇକୋନୋମି’ର ପ୍ରସାର ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କର୍ମଶାଳାରେ ଅଂଶୀଦାରମାନଙ୍କ ସହ ଏକ ବିସ୍ତୃତ ପରାମର୍ଶ ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ଏଫ୍‌ଏସ୍‌ଏସ୍‌ଏମ୍ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା, ଯାହା ରାଜ୍ୟ ସରକାରଙ୍କ ‘ବିକଶିତ ଓଡ଼ିଶା’ ସଂକଳ୍ପ ସହ ସମାନୁପାତିକ। ଏହି ଅବସରରେ ଶ୍ରୀମତୀ ପାଢୀ ରାଜ୍ୟ ସରକାର ଏବଂ ସହଯୋଗୀ ସଂସ୍ଥାଗୁଡ଼ିକର ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଓଡ଼ିଶାର ଏଫ୍‌ଏସ୍‌ଏସ୍‌ଏମ୍ କାର୍ଯ୍ୟକ୍ରମ ସହରୀ ବିକାଶ କ୍ଷେତ୍ରରେ ଏକ ‘ଉଜ୍ଜ୍ୱଳ ତାରକା’ ସଦୃଶ, ଯାହା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପାଇଛି। ଏହାସହ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଦୀର୍ଘ ଦିନ ଧରି ସହଯୋଗ କରି ଆସୁଥିବା ଗେଟ୍ସ ଫାଉଣ୍ଡେସନ୍‌କୁ ସେ ଧନ୍ୟବାଦ ଜଣାଇଥିଲେ।

# ସତ୍ୟନିଷ୍ଠା ଓ ସାମାଜିକ ଦାୟିତ୍ୱବୋଧ ଅତୁଟ ରଖିବାକୁ ରାଷ୍ଟ୍ରପତିଙ୍କ ଆହ୍ୱାନ

ଭୁବନେଶ୍ୱର,(ଜା.ପ୍ର): ବାଲେଶ୍ୱର ଜିଲ୍ଲା ଫକୀର ମୋହନ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ସମାରୋହ କୁଳାଧିପତି ମହାମହିମ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ସଭାପତିତ୍ୱ ଏବଂ ମହାମହିମ ରାଷ୍ଟ୍ରପତିଙ୍କ ଗରିମାମୟ ଉପସ୍ଥିତିରେ ନୂଆପାଢ଼ୀ କ୍ୟାମ୍ପସ ପରିସରରେ ମଙ୍ଗଳବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନିଜର ଦୀକ୍ଷାନ୍ତ ଉଦ୍‌ବୋଧନ ପ୍ରଦାନ କରିଥିଲେ। ମହାମହିମ ରାଷ୍ଟ୍ରପତିଙ୍କୁ ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ହରିବାବୁ କମ୍ଭମପାଟି, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ସ୍ୱାଗତ କରିଥିଲେ।

ରାଷ୍ଟ୍ରପତି ବିଶ୍ୱବିଦ୍ୟାଳୟ ସାମ୍ନାରେ ଥିବା ଫକୀର ମୋହନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅପରାହ୍ଣ ୨ଟା ୩୦ରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ନିଜର ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ରାଷ୍ଟ୍ରପତି ଫକୀର ମୋହନ ସେନାପତିଙ୍କ ସାହିତ୍ୟିକ ଅବଦାନ ଓ କନ୍ୟା ଶିକ୍ଷା ପ୍ରଚାରରେ ତାଙ୍କର ଅଗ୍ରଣୀ ଭୂମିକାକୁ ସ୍ମରଣ କରିଥିଲେ। ସେ ଫକୀର ମୋହନଙ୍କ ଅମର କୃତି ‘ରେବତୀ’ର ଗୁରୁତ୍ୱକୁ ଉଲ୍ଲେଖ କରି ରେବତୀ କିପରି ଅନେକ ଅସୁବିଧା ସତ୍ତ୍ୱେ ଶିକ୍ଷା ପାଇଁ ସଂଘର୍ଷ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ସାମାଜିକ ସେବା ଓ ସମୁଦାୟ ସଂଲଗ୍ନତାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ନୀତି, ସତ୍ୟନିଷ୍ଠା ଓ ସାମାଜିକ ଦାୟିତ୍ୱବୋଧ ଅତୁଟ ରଖିବାକୁ ଆହ୍ୱାନ କରିଥିଲେ। ମହାମହିମ ଦିବଙ୍ଗତ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ମଧ ମନେ ପକାଇଥିଲେ।ଏ ମାଟି କେବଳ ରତ୍ନ ଗର୍ଭା ନୁହଁ ମାଟିର ମା-ମାନେ ମଧ ରତ୍ନ ଗର୍ଭା। ରାଧାନାଥ ରାୟ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ କୁନ୍ତଳା କୁମାରୀ ସାବତଙ୍କୁ ସେ ମନେ ପକାଇଥିଲେ। ଶେଷରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଉକ୍ତି ‘ମାନବ ଜୀବନ ନୁହଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଯିଏ ନର କର୍ମ ଏକ ତାର ଜୀବନର ମାନଦଣ୍ଡ’ କହି ନିଜର ବକ୍ତବ୍ୟ ସମାପ୍ତ କରିଥିଲେ। ଏଥିରେ ମହାମହିମ ରାଜ୍ୟପାଳ ତଥା କୁଳାଧିପତି ଶ୍ରୀ ହରିବାବୁ କମ୍ଭମ୍ପତି, କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଏବଂ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। କୁଳପତି ପ୍ରଫେସର ଶ୍ରୀ ତ୍ରିପାଠୀ ସ୍ୱାଗତ ଭାଷଣ ସହ ବିଶ୍ୱବିଦ୍ୟାଳୟର ଉପଲବ୍ଧି ଏବଂ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ରିପୋର୍ଟ ଉପସ୍ଥାପିତ କରିଥିଲେ। ପ୍ରଫେସର ନିହାର ରଞ୍ଜନ ରାଉତ ମଞ୍ଚ ପରିଚାଳନା କରିଥିଲେ।

# ନାଭିଗୟାରେ ପିତୃପୁରୁଷଙ୍କୁ କଲେ ପିଣ୍ଡଦାନ କଲେ ରାଷ୍ଟ୍ରପତି

ଭୁବନେଶ୍ୱର,(ଜା.ପ୍ର): ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯାଜପୁର ବିରଜା ମନ୍ଦିର ଗସ୍ତରେ ଆସିଛନ୍ତି। ସମଗ୍ର ଜିଲ୍ଲାବାସୀ ମହାମହିମ ରାଷ୍ଟ୍ରପତିଙ୍କୁ ଗସ୍ତକୁ ନେଇ ଉତ୍ସାହିତ ଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏହା ପ୍ରଥମ ଯାଜପୁର ଗସ୍ତ। ଯାଜପୁରବାସୀ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ୯ଟା ୩୦ରେ ଯାଜପୁରର ପ୍ରଶାସନିକ ଭବନ ପଡ଼ିଆରେ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମବାୟ ହସ୍ତତନ୍ତ, ବୟନ ଶିଳ୍ପ,ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ସାଂସଦ ଡା.ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁର ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀର ବିଧାୟକ ଏବଂ ବିଧାୟିକା ବୃନ୍ଦ, ଜିଲ୍ଲାପରିଷଦ ଅଧ୍ୟକ୍ଷା, ଡିଆଇଜି ପୁଲିସ ଚରଣ ସିଂ ମୀନା, ଅତିରିକ୍ତ ମହାନିର୍ଦ୍ଦେଶକ ପୁଲିସ ରେଳବାଇ ଓ ଉପକୂଳ ସୁରକ୍ଷା ଅରୁଣ ବୋଥ୍ରା, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର, ଜିଲ୍ଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକ ୟଶ ପ୍ରତାପ ଶ୍ରୀମାଲଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ଯାଜପୁର ମାଟିକୁ ଭବ୍ୟ ସ୍ୱାଗତ କରିଥିଲେ।



ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସମସ୍ତ ପ୍ରକାର ଆନୁଷଙ୍ଗିକ ଆୟୋଜନ କରାଯାଇଥିଲା। ହେଲିପ୍ୟାଡରୁ ରାଷ୍ଟ୍ରପତି ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ମା’ ବିରଜାଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ବିରଜା ମନ୍ଦିରରେ ପହଞ୍ଚି ହସ୍ତପଦ ପ୍ରକ୍ଷାଳନ କରି ମନ୍ଦିର ପ୍ରବେଶ କରିଥିଲେ। ପ୍ରଥମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ। ପ୍ରାୟ ୧ ଘଣ୍ଟା ଧରି ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଚାରି ଜଣ ସେବାୟତ ବ୍ରାହ୍ମଣ ନିୟୋଜିତ ଥିଲେ। ପିଣ୍ଡ ଦାନ ସରିବା ପରେ ରାଷ୍ଟ୍ରପତି ମାଆ ବିରଜାଙ୍କ ଦର୍ଶନ କରିଥିଲେ ଏବଂ ଏହା ପରେ ବେଢ଼ା ପରିକ୍ରମା କରି ଗଙ୍ଗେଶ୍ୱର, ମୁକ୍ତେଶ୍ୱର, ସଂହାର ଭୈରବ, ୧୦୮ ଶିବ ଲିଙ୍ଗ ପାର୍ଶ୍ୱେ ଦେବା ଦେବୀଙ୍କ ଦର୍ଶନ କରିଥିଲେ ଏବଂ ମୁକ୍ତି ମଣ୍ଡପ ସଭାରେ ଆଶୀର୍ବାଦ ଗ୍ରହଣ କରିଥିଲେ। ରାଷ୍ଟ୍ରପତିଙ୍କ ମନ୍ଦିର ପରିଦର୍ଶନ ସମୟରେ ଚତୁର୍ଦ୍ଦିଗ ବେଦ ମନ୍ତ୍ର ଉଚ୍ଚାରଣ ଓ ହୁଳୁହୁଳି ନାଦରେ ଗୁଞ୍ଜରିତ ହେଉଥିଲା। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ବୌଦ୍ଧ ମୂର୍ତ୍ତି ଏବଂ ଟସର ଶାଢ଼ୀ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏହା ପରେ ନିମନ୍ତ୍ରିତ ବ୍ରହ୍ମକୁମାରୀମାନେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ। ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ପ୍ରଶାସନିକ ଭବନ ହେଲିପ୍ୟାଡକୁ ଯାତ୍ରା କରିଥିଲେ ଏବଂ ଦିନ ୧୧ଟା ୪୦ରେ ବିମାନ ଯୋଗେ ବାଲେଶ୍ୱର ଅଭିମୁଖେ ପ୍ରସ୍ଥାନ କରିଥିଲେ। ଏହି ଗସ୍ତ ଅବସରରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଜନସାଧାରଣ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା।

ଜାତୀୟ ଚେତନା
JATIYA CHETANA



# ଟି-୨୦ ବିଶ୍ୱକପ୍: ବିପର୍ଯ୍ୟୟରୁ ଅଳ୍ପକେ ବର୍ତ୍ତିଲା ଇଂଲଣ୍ଡ



ମୁମ୍ବାଇ,(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ର ଏକ ରୋମାଞ୍ଚକର ଗ୍ରୁପ୍-ସି' ମ୍ୟାଚ୍‌ରେ ନେପାଳକୁ ୪ ରନ୍‌ରେ ହରାଇ ଇଂଲଣ୍ଡ ନିଜର ଅଭିଯାନ ଆରମ୍ଭ ଆରମ୍ଭ କରିଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ ନେଇ ଇଂଲଣ୍ଡ ୭ ୱିକେଟ୍ ହରାଇ ୧୮୪ ରନ୍ କରିଥିଲା। ଜବାବରେ ନେପାଳ ଶେଷ ବଲ୍ ପର୍ଯ୍ୟନ୍ତ ଲଢ଼େଇ କରି ଶେଷରେ ମାତ୍ର ୪ ରନ୍‌ରେ ପରାଜିତ ହୋଇଛି। ୨୦ ଓଭର୍‌ରେ ଟିମ୍ ୬ ୱିକେଟ୍ ହରାଇ ୧୮୦ ରନ୍ କରିପାରିଥିଲା। ଅନ୍ତିମ ଓଭର୍‌ରେ ବିଜୟ ପାଇଁ ନେପାଳକୁ ୧୦ ରନ୍‌ର ଆବଶ୍ୟକତା ଥିବାବେଳେ ଇଂଲଣ୍ଡ ବୋଲର୍ ସାମ୍ କୁରାନ୍ ମାତ୍ର ୫ ରନ୍ ଦେଇ ଇଂଲଣ୍ଡକୁ ବିପର୍ଯ୍ୟୟରୁ ରକ୍ଷା କରିଥିଲେ।

୧୮୫ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ନେପାଳର ଆରମ୍ଭ ବହୁ ଚମତ୍କାର ଥିଲା। ୩୭ ରନ୍‌ର ସ୍କୋର୍‌ରେ ଆସିଫ୍ ଶେଖ୍ (୭)ଙ୍କ ରୂପରେ ଟିମ୍‌କୁ ପ୍ରଥମ ଝଟ୍‌କା ଲାଗିଥିଲା। ଏହାପରେ ୪୨ ରନ୍‌ର ସ୍କୋର୍‌ରେ ଓପ୍ନର୍ କୁଶଳ ଭୁର୍ତେଲ୍ (୨୯ ରନ୍) ଆଉଟ୍ ହୋଇଥିଲେ। ଏହାପରେ କ୍ୟାପ୍‌ଟେନ୍ ରୋହିତ ପୌଡେଲ୍ ଏବଂ ଦୀପେନ୍ଦ୍ର ସିଂହ ଐରୀ ଇନିଂସ୍ ସମ୍ଭାଳି ତୃତୀୟ ୱିକେଟ୍ ୫୪ ବଲ୍‌ରେ ୮୨ ରନ୍ ଯୋଡ଼ିଥିଲେ। ଦୀପେନ୍ଦ୍ରଙ୍କୁ ଆଉଟ୍ କରି ସାମ୍ କରାନ୍ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ଦୀପେନ୍ଦ୍ର ବିସ୍ଫୋରକ ବ୍ୟାଟିଂ ସହ ୨୯ ବଲ୍‌ରେ ୬ ଚୌକା ଓ ଗୋଟିଏ ଛକା ସହାୟତାରେ ସର୍ବାଧିକ ୪୪ ରନ୍ କରିଥିଲେ। ଏହାପରେ କ୍ୟାପ୍‌ଟେନ୍ ରୋହିତଙ୍କ ଉପରେ ବଡ଼ ଦାୟିତ୍ୱ ଥିଲା। ମାତ୍ର ୧୬ଶ ଓଭର୍‌ରେ ସେ ଦୁଇଟି ଲେଖାଏଁ ଚୌକା ଓ ଛକା ବଳରେ ୩୪ ବଲ୍‌ରୁ ୩୯ ରନ୍ କରିଥିବା ବେଳେ ଲିଆମ୍ ଡସନ୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ସେତେବେଳକୁ ନେପାଳ ସ୍କୋର୍ ୧୨୬ ରନ୍ ହୋଇଥିଲା। ଏହାପରେ ଆରିଫ୍ ଶେଖ ୧୦ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ତେବେ ଏହାପରେ ମଧ୍ୟ ମ୍ୟାଚ୍‌ର ରୋମାଞ୍ଚ କମିନଥିଲା। ଲୋକେଶ ବାମ୍ ଗୋଟିଏ ପଟେ ଇନିଂସ୍ ସମ୍ଭାଳି ୧୮ତମ ଓଭର୍‌ରେ ଜୋଫ୍ରା ଆର୍ଚର୍‌ଙ୍କୁ ଦୁଇଟି ଛକା ମାରିଥିଲେ। ସ୍ଥିତି ଏପରି ହୋଇଥିଲା ନେପାଳକୁ ବିଜୟ ପାଇଁ ଶେଷ ଦୁଇ ଓଭର୍‌ରେ ୨୪ ରନ୍‌ର ଆବଶ୍ୟକ ଥିଲା। ୧୯ତମ ଓଭର୍‌ରେ ଲ୍ୟୁକ୍ ଉଡ୍ ୧୪ ରନ୍ ବ୍ୟୟ କରିଥିଲେ। ତେବେ ଅନ୍ତିମ ବଲ୍‌ରେ ଗୁଲ୍‌ଶନ୍ ଝା () ଆଉଟ୍ ହୋଇଥିଲେ। ଅନ୍ତିମ ଓଭର୍‌ରେ ୧୦ ରନ୍ ଦରକାର ଥିବା ବେଳେ ସାମ୍ କରନ୍ ବୋଲିଂ ପାଇଁ ଆସିଥିଲେ ଏବଂ ଲୋକେଶ ପ୍ରଥମ ଚାରିଟି ବଲ୍‌ରେ ୪ ରନ୍ ଉଠାଇଥିଲେ। ପଞ୍ଚମ ବଲ୍‌ରେ କୌଣସି ରନ୍ ହୋଇନଥିଲା ଏବଂ ଶେଷ ବଲ୍‌ରେ ୬ ରନ୍ ଆବଶ୍ୟକ ଥିବାବେଳେ ଲୋକେଶ କେବଳ ଗୋଟିଏ ରନ୍ କରିପାରିଥିଲେ। ଇଂଲଣ୍ଡ ୪ ରନ୍‌ରେ ମ୍ୟାଚ୍ ଜିତି ନେଇଥିଲା। ଇଂଲଣ୍ଡ ପକ୍ଷରୁ ଲିଆମ୍ ଡସନ୍ ଦୁଇଟି ୱିକେଟ୍ ପାଇଥିଲେ।

ଏହା ପୂର୍ବରୁ ଟସ୍ ଜିତି ବ୍ୟାଟିଂ ନେଇଥିବା ଇଂଲଣ୍ଡ ୫ ରନ୍‌ର ସ୍କୋର୍‌ରେ ଦ୍ୱିତୀୟ ଓଭର୍‌ରେ ହିଁ ଫିଲ୍ ସଲ୍ଟ ()ଙ୍କ ୱିକେଟ୍ ହରାଇଥିଲା। ଏହାପରେ ଜୋସ୍ ବଟ୍‌ଲର୍ ଭଲ ଇନିଂସ୍ ଖେଳିଥିଲେ ମଧ୍ୟ ୧୭ ବଲ୍‌ରେ ୨୬ ରନ୍ କରି ବିଦାୟ ନେଇଥିଲେ। ଟମ୍ ବାଣ୍ଟନ୍ ମାତ୍ର ୨ ରନ୍ କରି ଲାମିଛାନେଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଟିମ୍ ୫୩ ରନ୍‌ରେ ୩ ୱିକେଟ୍ ହରାଇବା ପରେ ଜ୍ୟାକବ୍ ବେଥେଲ୍ ଓ ହ୍ୟାରି ବ୍ରୁକ୍ ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ଟିମ୍‌କୁ ସମ୍ଭାଳିଥିଲେ। ଉଭୟଙ୍କ ମଧ୍ୟରେ ଚତୁର୍ଥ ୱିକେଟ୍ ପାଇଁ ୪୫ ବଲ୍‌ରେ ୭୧ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ବେଥେଲ୍ ୩୫ ବଲ୍‌ରେ ୪ଟି ଲେଖାଏଁ ଚୌକା ଓ ଛକା ବଳରେ ୫୫ ଏବଂ ବ୍ରୁକ୍ ୩୨ ବଲ୍‌ରେ ୪ ଚୌକା ଓ ୩ ଛକା ସହାୟତାରେ ୫୩ ରନ୍ କରିଥିଲେ।


# ଡେଭିସ୍ କପ୍: ଭାମ୍ବ୍ରୀ-ଧାକ୍ଷିଣେଶ୍ୱରଙ୍କ ମାରାଥନ୍ ଡବଲ୍ସ ବିଜୟ

ବେଙ୍ଗାଲୁରୁ,(ଏଜେନ୍ସି): ୟୁକି ଭାମ୍ବ୍ରୀ ଓ ଦାକ୍ଷିଣେଶ୍ୱର ସୁରେଶଙ୍କ ଯୋଡ଼ି ସଂଘର୍ଷପୂର୍ଣ୍ଣ ପ୍ରଦର୍ଶନ ସହ ମାରାଥନ୍ ଡବଲ୍ସ ମ୍ୟାଚ୍ ଜିତି ଡେଭିସ୍ କପ୍ କ୍ୱାଲିଫାୟର୍ସ ରାଉଣ୍ଡ୍-୧ରେ ନେଦରଲାଣ୍ଡ୍ ବିପକ୍ଷରେ ଭାରତକୁ ୨-୧ର ଅଗ୍ରଣୀ କରିଛନ୍ତି। ଭାରତୀୟ ଯୋଡ଼ି ଡେଭିଡ୍ ପିଲେ ଏବଂ ସେଣ୍ଡର୍ ଏରେଣ୍ଡ୍‌ସଙ୍କୁ ତିନି ଘଣ୍ଟା ପର୍ଯ୍ୟନ୍ତ ଚାଲିଥିବା ରୋମାଞ୍ଚକର ମ୍ୟାଚ୍‌ରେ ୭-୬ (୦), ୩-୬, ୭-୬ (୧)ରେ ହରାଇଛି। ଉତ୍‌ଥାନ-ପତନ ଭରା ପ୍ରଥମ ସେଟ୍‌ରେ ଭାମ୍ବ୍ରୀଙ୍କ ସର୍ଭିସ୍‌ରେ ଲଗାତାର ଚାପ ସୃଷ୍ଟି ହୋଇଥିଲେ ମଧ୍ୟ ଭାରତୀୟ ଯୋଡ଼ି କେତେକ ବ୍ରେକ୍ ପଏଣ୍ଟ୍ ବଞ୍ଚାଇ ନିଜ ସମ୍ଭାଳିଥିଲା। ଶେଷରେ ମୁକାବିଲା ଟାଇବ୍ରେକ୍‌ରେ ପହଞ୍ଚିଥିଲା ଏବଂ ଭାରତୀୟ ଯୋଡ଼ି ୪-୦ ଅଗ୍ରଣୀ ହାସଲ କରି ବିନା କୌଣସି ପଏଣ୍ଟ୍ ହରାଇ ସେଟ୍ ନିଜ ନାମରେ କରିଥିଲେ। ଦ୍ୱିତୀୟ ସେଟ୍‌ରେ ନେଦରଲାଣ୍ଡ୍ ଯୋଡ଼ି ପ୍ରତ୍ୟାବର୍ତ୍ତନ କରି ଭାମ୍ବ୍ରୀଙ୍କ ଦୁର୍ବଳ ସର୍ଭିସ୍‌ର ଲାଭ ଉଠାଇ ୬-୩ରେ ସେଟ୍ ଜିତି ସ୍ଥିତି ସମାନ କରିଥିଲେ। ତୃତୀୟ ସେଟ୍‌ରେ ଅସଲ ଲଢ଼େଇ ଦେଖିବାକୁ ମିଳିଥିଲା। ଭାରତ ବହୁ ସୁଯୋଗ ପାଇଥିଲେ ମଧ୍ୟ ଏହାର ଉପଯୋଗ କରିପାରି ନଥିଲା। ଏରେଣ୍ଡ୍‌ଙ୍କ ବାମ ହାତରେ ଆଘାତ ଲାଗିବା ପରେ ତାଙ୍କ ସର୍ଭିସ୍ ଦୁର୍ବଳ ହୋଇପଡ଼ିଥିଲା ଏବଂ ଭାରତୀୟ ଯୋଡ଼ି ଏହାର ଲାଭ ଉଠାଇ ଟାଇବ୍ରେକ୍‌ରେ ଦବ୍‌ଦବା ସହିତ ମ୍ୟାଚ୍ ଜିତି ନେଇଥିଲା। ଏହି ବିଜୟ ସହିତ ଭାରତ ଟାଇରେ ୨-୧ର ଅଗ୍ରଣୀ ହାସଲ କରିଛି।

# ସର୍ଭିସେସ୍ ସନ୍ତୋଷ ଟ୍ରଫି ଚାମ୍ପିଅନ୍

ନୂଆଦିଲ୍ଲୀ,(ଏଜେନ୍ସି): ଅଭିଷେକ ପୱାର୍‌ଙ୍କ ଅତିରିକ୍ତ ସମୟ ଗୋଲ୍ ବଳରେ ରବିବାର ଆସାମର ଧାକୁଆଖାନା ଫୁଟ୍‌ବଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ କେରଳକୁ ୧-୦ ଗୋଲ୍‌ରେ ହରାଇ ସର୍ଭିସେସ୍ ସନ୍ତୋଷ ଟ୍ରଫି ୨୦୨୫-୨୬ ଚାମ୍ପିଅନ୍ ହୋଇଛି। ପୂର୍ବ ମ୍ୟାଚ୍‌ରେ କେରଳ ବିପକ୍ଷରେ ବିଜୟୀ ଗୋଲ୍ ସ୍କୋର୍ କରିଥିବା ପୱାର୍ ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ଏକ ଭଳି ଜରିଆରେ ଟୁର୍ଣ୍ଣାମେଣ୍ଟ୍‌ରେ ନିଜର ସପ୍ତମ ଗୋଲ୍ ଦେଇଥିଲେ। ଏହା ସର୍ଭିସେସ୍‌ର ଅଷ୍ଟମ ସନ୍ତୋଷ ଟ୍ରଫି ଟାଇଟଲ୍ ହୋଇଥିବା ବେଳେ ସାତ ଥରର ଚାମ୍ପିଅନ୍ କେରଳର ଲଗାତାର ଦ୍ୱିତୀୟ ଫାଇନାଲ୍ ପରାଜୟ। ଗତ ଫାଇନାଲ୍‌ରେ ଟିମ୍ ପଶ୍ଚିମବଙ୍ଗଠାରୁ ପେନାଲ୍ଟିରେ ହାରିଥିଲା। ସେମିଫାଇନାଲ୍‌ରେ ପଞ୍ଜାବକୁ ୪-୦ ଗୋଲ୍‌ରେ ହରାଇ ଫାଇନାଲ୍ ପ୍ରବେଶ କରିଥିବା କେରଳ ରବିବାର ମ୍ୟାଚ୍‌ରେ ଆକ୍ରମଣାତ୍ମକ ଆରମ୍ଭ କରି ୨୭ତମ ମିନିଟ୍‌ରେ ଗୋଲ୍ ସୁଯୋଗ ପାଇଥିଲା। ତେବେ ବକ୍ସ ବାହାରୁ ଅର୍ଜୁନ୍ ଭି' ମାରିଥିବା ଏକ ଏକ ଶଟ୍ ଗୋଲ୍‌ପୋଷ୍ଟ୍‌ରେ ବାଜି ବାହାରକୁ ଚାଲିଯାଇଥିଲା। ଅନ୍ୟପକ୍ଷରେ ଗ୍ରୁପ୍ ପର୍ଯ୍ୟାୟରେ ଦ୍ୱିତୀୟ ଶ୍ରେଷ୍ଠ ରକ୍ଷଣାତ୍ମକ ଟିମ୍ ସର୍ଭିସେସ୍ ଗୋଟିଏ ବି ଗୋଲ୍ ନଖାଇ ନକ୍‌ଆଉଟ୍ ପର୍ଯ୍ୟାୟରେ ପହଞ୍ଚିଥିଲା। ଟିମ୍ ପ୍ରତିପକ୍ଷଙ୍କୁ କୌଣସି ସୁଯୋଗ ନଦେଇ ନିଜର ଖ୍ୟାତି ବଜାୟ ରଖିଥିଲା।

# ହରର୍ ଅନୁଭୂତିକୁ ନେଇ ସିନେମା ହଲରେ ରିଲିଜ ହେଲା ଫିଲ୍ମ 'ମିଡ୍ ନାଇଟ୍'



ସାରା ଓଡ଼ିଶାରେ ମୁକ୍ତିଲାଭ କରିଛି ଓଡ଼ିଆ ହରର ଚଳଚ୍ଚିତ୍ର 'ମିଡ୍ ନାଇଟ୍'। ପୁଣି ଏକ ନୂଆ ହରର ବା ଭୟ ସୃଷ୍ଟିକାରୀ ଓଡ଼ିଆ ଚଳଚ୍ଚିତ୍ର ଓଡ଼ିଶାର ୨୫ଟି ହଲରେ ରିଲିଜ୍ ହୋଇଛି। ସମ୍ପୂର୍ଣ୍ଣ ହରର୍ ଅନୁଭୂତିକୁ ନେଇ 'ମିଡ୍ ନାଇଟ୍' ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଛି। ଭୁବନେଶ୍ୱରର ସ୍ୱାତୀ ସିନେମା ହଲରେ ଏହାର ପରିମିୟର ଶୋ' ଆୟୋଜିତ ହୋଇଯାଇଛି। ପ୍ରଥମ ଦିନରେ ହାଉସଫୁଲ ରହିଥିବା ବେଳେ ଚଳଚ୍ଚିତ୍ରଟି ଦର୍ଶକଙ୍କୁ ଭଲ ଭଲ ଲାଗିଛି ବୋଲି କହିଛନ୍ତି। ସିନେମା 'ମିଡ୍ ନାଇଟ୍'ରେ ମନୁ ଦ୍ୱିବେଦୀ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ଏହା ସହିତ ସିନେମାରେ ସେ ୨ ଟି ଚରିତ୍ର ନିଭାଉଥିବାର ଦେଖିବାକୁ ମିଳିବ। ବାପା ଓ ପୁଅ ୨ଟି ଚରିତ୍ରରେ ସେ ଅଭିନୟ କରିଛନ୍ତି। ଅନ୍ଧାରମୟ ମଧ୍ୟରାତ୍ରିରେ ୩ ବନ୍ଧୁଙ୍କ କାହାଣୀକୁ ନେଇ ଚଳଚ୍ଚିତ୍ରଟି ଗତିଶୀଳ ହୋଇଛି। ଏହା ଦର୍ଶକଙ୍କୁ ଭଲ ଲାଗିଛି ବୋଲି ନିର୍ଦ୍ଦେଶକ କହିଛନ୍ତି। ସିନେମାରେ ୩ ଜଣ ନାୟିକା ଅଭିନୟ କରିଛନ୍ତି। ନାୟକ ମନୁ ଦ୍ୱିବେଦୀ କହିଛନ୍ତି,'ଫ୍ୟାମିଲି ଡ୍ରାମା, ଗୀତ ଓ ଆକ୍ସନକୁ ନେଇ ତିଆରି ହୋଇଛି ଫିଲ୍ମ 'ମିଡ୍ ନାଇଟ୍'। ଫିଲ୍ମରେ ଏକ ମର୍ଡର ମିଷ୍ଟ୍ରି ଦେଖିବାକୁ ମିଳିବ। ଯାହାକୁ ନେଇ ଆଗାମୀ ପିଢ଼ିର ଚରିତ୍ର ପର୍ଦ୍ଦାଫାସ କରିଛନ୍ତି। '

ଏହି ସିନେମାର ନାୟିକା ଡାଏନା କହିଛନ୍ତି, 'ଫିଲ୍ମ ରିଲିଜ୍‌କୁ ନେଇ ବହୁତ ଖୁସି ଅଛି। ସିନେମାରେ ନୂଆ ବର୍ଷ ପାଳନ ସମୟରେ ତିନି ସାଙ୍ଗଙ୍କୁ ଏକ ଭୂତ ଦେଖାଯାଉଛି। ଯାହାକୁ ନେଇ କାହାଣୀ ଗତିଶୀଳ ହୋଇଛି। ଆପଣ ନିଶ୍ଚୟ ସିନେମାକୁ ଦେଖନ୍ତୁ। ଏହା ବହୁତ ଭଲ ଲାଗିବ। ଆପଣଙ୍କ ଭଲ ପ୍ରତିକ୍ରିୟା ମିଳିଲେ ଆଗକୁ ଆହୁରି ସିନେମା ତିଆରି କରିବୁ।' ମନୁ ଦ୍ୱିବେଦୀ ଫିଲ୍ମସ୍ ନିବେଦିତ ଏହି ଚଳଚ୍ଚିତ୍ରରେ ମନୁ ଦ୍ୱିବେଦୀ, ନିଜେ ପ୍ରଯୋଜନା ଓ ନିର୍ଦ୍ଦେଶନା ଦେଇ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ଚଳଚ୍ଚିତ୍ରରେ ୨ଟି ଗୀତ ରହିଛି। 'ମାୟାବିନୀ ଏ ଅନ୍ଧାର ରାତି...' ଶୀର୍ଷକ ଗୀତଟି ଦର୍ଶକଙ୍କ ମଧ୍ୟରେ ବେଶ୍ ଆଦୃତି ଲାଭ କରୁଛି। ଏହି ଗୀତଟିକୁ ଡ. ନିର୍ମଳ ନାୟକ ରଚନା କରିଥିବାବେଳେ, ଏଥିରେ କଣ୍ଠଦାନ କରିଛନ୍ତି ଓଲିଉଡ୍ ସିଙ୍ଗର ଅସୀମା ପଣ୍ଡା। ସଂଯୋଜନା ଦେଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢୀଙ୍କ। ଅନୁପ ଦ୍ୱିବେଦୀଙ୍କ ରଚିତ ଏହି କାହାଣୀରେ ସଂଳାପ ଲେଖିଛନ୍ତି ଡ଼. ରଜନୀ ରଞ୍ଜନ। ମନୁଙ୍କ ବ୍ୟତୀତ ଏହି ଚଳଚ୍ଚିତ୍ରରେ ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଅକ୍ଷୟ ବସ୍ତିଆ, ବିରେନ ମିଶ୍ର, ଡାଏନା, ଆଲିଆ, ପ୍ରିୟା, ସସ୍ମିତା ଓ ସୁଧାଂଶୁବାଳା ଅନ୍ୟାନ୍ୟ ଭୂମିକାରେ ରହିଛନ୍ତି। ଚଳଚ୍ଚିତ୍ରରେ ସହକାରୀ ନିର୍ଦ୍ଦେଶକ ଭୂମିକାରେ ଦାୟିତ୍ୱ ସମ୍ପାଦନ କରିଛନ୍ତି ସୁରେଶ ଦାସ। ସିନେମାଟୋଗ୍ରାଫିରେ ଅଜିତ ଦାସ ଥିବାବେଳେ ସମ୍ପାଦନାରେ ଅଛନ୍ତି ଚନ୍ଦ୍ରଶେଖର ମିଶ୍ର ଏବଂ କୋରିଓଗ୍ରାଫିରେ ରହିଛନ୍ତି ବବି ଇସଲାମ୍।

# 'କାନ୍ତାରା' ଏବଂ 'ଟାଇଗର୍ ୩' ରେକର୍ଡ ଭାଙ୍ଗିଲା 'ବର୍ଡର ୨'

'ବର୍ଡର ୨' ଆଜି ମୁକ୍ତିଲାଭର ଦ୍ୱିତୀୟ ସପ୍ତାହ ପୂରଣ କରୁଛି। ଫିଲ୍ମଟି ଏକ ଦୃଢ଼ ବକ୍ସ ଅଫିସ୍ କଲେକ୍ସନ ହାସଲ କରିଛି ଏବଂ ଏହାର ଗତି ଜାରି ରହିଛି। 'ବର୍ଡର ୨' ଜାନୁଆରୀ ୨୩ ଗଣତନ୍ତ୍ର ଦିବସରେ ମୁକ୍ତିଲାଭ କରିଥିଲା ଏବଂ ଏକ ଚମତ୍କାର ଓପନିଂ ସହ ଅନେକ ରେକର୍ଡ ସ୍ଥାପନ କରିଥିଲା। ବର୍ତ୍ତମାନ ସନ୍ନି ଦେଓଲ, ବରୁଣ ଧୱନ, ଦିଲଜିତ ଦୋସାଞ୍ଜ ଏବଂ ଆହାନ ସେଟ୍ଟୀ ଅଭିନୀତ ଏହି ଫିଲ୍ମ ବିଶ୍ୱବ୍ୟାପୀ ଆୟରେ ଅନେକ ଫିଲ୍ମକୁ ପଛରେ ପକାଇ ସର୍ବାଧିକ ଆୟକାରୀ ଭାରତୀୟ ଫିଲ୍ମ ତାଲିକାରେ ଉପରକୁ ଉଠିଛି। ଆସନ୍ତୁ ଜାଣିବା 'ବର୍ଡର ୨' ଏହାର ୧୩ତମ ଦିନରେ କେତେ କୋଟି ଟଙ୍କା କଲେକ୍ସନ କରିଛି ଏବଂ ସେହି ୧୩ ଦିନରେ ବିଶ୍ୱବ୍ୟାପୀ କେତେ ଟଙ୍କା ରୋଜଗାର କରିଛି। ୧୩ତମ ଦିନରେ ବର୍ଡର ୨ର ଘରୋଇ ଆୟ ସାମାନ୍ୟ ହ୍ରାସ ପାଇ ୪.୮୮ କୋଟି ଟଙ୍କା ଆୟ କରିଛି। ୧୨ତମ ଦିନରେ ଫିଲ୍ମଟି ୬.୬୯ କୋଟି ଟଙ୍କା ଆୟ କରି ସାମାନ୍ୟ ବୃଦ୍ଧି ପାଇଛି। ଏହି ସମୟରେ, ବର୍ଡର ୨ ୧୧ତମ ଦିନରେ ଭାରତରେ ୬.୫୨ କୋଟି ଟଙ୍କା ଆୟ କରିଥିଲା, ଯେତେବେଳେ ଗତ ରବିବାର ଫିଲ୍ମଟି ୨୪.୨୨ କୋଟି ଟଙ୍କା ଆୟ କରିଥିଲା। ୧୩ ଦିନ ପରେ ଫିଲ୍ମର ମୋଟ ଘରୋଇ କଲେକ୍ସନ ୩୧୯.୯୮ କୋଟି ଟଙ୍କାରେ ପହଞ୍ଚିଛି ଏବଂ ଏହାର ବିଶ୍ୱସ୍ତରୀୟ ଆୟ ୪୦୦ କୋଟି ଟଙ୍କା ପାର୍ କରିଛି। ବିଶ୍ୱସ୍ତରୀୟ ଚଳଚ୍ଚିତ୍ରଟି ୪୧୧ କୋଟି ଟଙ୍କା ଆୟ କରିଛି। ବର୍ଡର ୨ ବିଶ୍ୱବ୍ୟାପୀ ବକ୍ସ ଅଫିସରେ ୪୦୦ କୋଟି ଆୟ କରିଛି। ବର୍ଡର ୨ ଭାରତରେ ୩୭୫.୧୨ କୋଟି ଆୟ କରିଛି ଏବଂ ଭାରତର ସର୍ବାଧିକ ୫୦ଟି ଆୟକାରୀ ଫିଲ୍ମ ତାଲିକାରେ ୩୦ତମ ସ୍ଥାନରେ ରହିଛି। ଏଥିରେ ଏହା ଧୁମ୍ ୩, କାନ୍ତାରା, ଟାଇଗର୍ ୩, ଦେବରାଜ ପାର୍ଟ ୧, ଆଦିପୁରୁଷ, କୁଲି ଏବଂ ସାହୋ ଭଳି ବଡ଼ ବଡ଼ ଫିଲ୍ମଗୁଡ଼ିକୁ ପଛରେ ପକାଇ ଦେଇଛି। ଏହି ସମୟରେ, ବର୍ଡର ୨ ର ବିଶ୍ୱବ୍ୟାପୀ ଆୟ ୪୧୧.୭୬ କୋଟିରେ ପହଞ୍ଚିଛି, ଯାହା ଏହାକୁ ୪୦ ନମ୍ବରରେ ରଖିଛି। ଏହି ତାଲିକାରେ, ଫିଲ୍ମଟି କାନ୍ତାରା, ୩ ଇଡିଅଟ୍ସ, ଚେନ୍ନାଇ ଏକ୍ସପ୍ରେସ୍, କ୍ରିଶ୍ ୩, ଆଦିପୁରୁଷ ଏବଂ ସିଂହମ୍ ଏଗେନ୍‌କୁ ପଛରେ ପକାଇ ଦେଇଛି। 'ବର୍ଡର ୨' ଅନୁରାଗ ସିଂଙ୍କ ଦ୍ୱାରା ନିର୍ଦ୍ଦେଶିତ। ଏହି ଫିଲ୍ମଟି ଗୁଲସନ୍ କୁମାର ଏବଂ ଟି-ସିରିଜ୍ ଦ୍ୱାରା ଜେପି ଦତ୍ତାଙ୍କ ଜେପି ଫିଲ୍ମସ୍ ସହିତ ମିଳିତ ଭାବରେ ଉପସ୍ଥାପନ କରାଯାଇଛି। ଏହା ଭୂଷଣ କୁମାର, କ୍ରିଷ୍ଣ କୁମାର, ଜେପି ଦତ୍ତା ଏବଂ ନିଧି ଦତ୍ତଙ୍କ ଦ୍ୱାରା ପ୍ରଯୋଜିତ। 'ବର୍ଡର ୨'ରେ ସନ୍ନି ଦେଓଲ, ଦିଲଜିତ ଦୋସାଞ୍ଜ, ବରୁଣ ଧୱନ ଏବଂ ଆହାନ ସେଟ୍ଟୀ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ମୋନା ସିଂହ, ସୋନମ ବାଜୱା, ଆନ୍ୟା ସିଂ ଏବଂ ମେଧା ରାଣା ମହିଳା ନାୟକ ଭାବରେ ଅଭିନୟ କରିଛନ୍ତି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ